# ବ୍ରେଡ କଷ୍ଟାଡ

**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।



## ଖବର

# କେମିତି ପ୍ରେମର ଟ୍ରେଲର ରିଲିଜ୍



ମା' ଧନ ଲକ୍ଷ୍ମୀ ପ୍ରଡ଼କସନ୍ସର ପ୍ରଥମ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ଓଡିଶା ମାଟିର ଗୌରବ ସମ୍ମାନ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।ମା' ଧନ ଲକ୍ଷ୍ମୀ ପ୍ରଡ଼କସନ୍ସର ମ୍ୟାନେଜିଂ ଡାଇରେକ୍ଟର ସ୍ମିତା ପାଣିଗ୍ରାହୀ, ପ୍ରଯୋଜକ ଧିରେନ ତ୍ରିପାଠୀ, କାର୍ଯ୍ୟକାରୀ ପ୍ରଯୋଜକ ଲଲାଟେନ୍ଦୁ ଜେନାଙ୍କ ସହିତ ନନ୍ଦନ ଇଣ୍ଟରନେସନାଲର ଶିବରାମ ସାହୁ, ପ୍ରଣୟ ଜେଠୀ, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ପ୍ରଯୋଜକ ପ୍ରୀତମ, ନିର୍ଦ୍ଦେଶକ ତାପସ ସରଘରିଆ, ରମେଶ ରାଉତ ଏବଂ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନୁରାଗ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ ଉତ୍ସବରେ ମା' ଧନଲକ୍ଷ୍ମୀ ପ୍ରଡ଼କସନ୍ସ ବିଷୟରେ ମନ୍ତବ୍ୟ ଦେଇଥିଲେ।

ଆଜି ମା' ଧନ ଲକ୍ଷ୍ମୀ ପ୍ରଡ଼କସନ୍ସ ତରଫରୁ ୧୫୦ ଜଣ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସିମ୍ରନ ଦାସ, ଆଦି, ଦିବ୍ୟା, ରାକେଶ, ପ୍ରିୟଙ୍କା ସାହୁ, ପ୍ରିୟଙ୍କା ପାଣିଗ୍ରାହୀ, କୁକିଜ୍ ସ୍ୱାଇଁ, ସୁମନ ପଟ୍ଟନାୟକ, ହିରଣ୍ମୟୀ, ଜୀବନ ପଣ୍ଡା, ବ୍ରଜ ସିଂ, ଗୁଞ୍ଜୁ, ହରିହର ଦାସ, ବ୍ଲାକ ରବି, ଦେବସ୍ମିତା ପଣ୍ଡା, ଦେବଯାନୀ, ହରିହର ମହାପାତ୍ର, ରବି ମିଶ୍ର, ନିକିତା ପାତ୍ର, ପ୍ରତିଭା ପଣ୍ଡା ଆଦି ଅନେକ ପ୍ରତିଷ୍ଠିତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।ତା'ସହିତ ମା' ଧନ ଲକ୍ଷ୍ମୀ ପ୍ରଡ଼କସନ୍ସର ଦ୍ୱିତୀୟ ଅବଦାନ କେମିତି ପ୍ରେମର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଭୂମିକାରେ ଧିରେନ, ରାକେଶ, ପ୍ରିୟଙ୍କା ସାହୁ ଓ ପ୍ରିୟଙ୍କା ପାଣିଗ୍ରାହୀ ଅଭିନେତ୍ରୀ ସହ ଗୁଞ୍ଜୁ, ଲଲାଟ, ସୁଶାନ୍ତ, ଶୁଶୁ କମେଡିନ୍ ଆଉ ମୁଖ୍ୟ ଭିଲିଆନ ରମେଶ ନାୟକ (ରାବଣ) ଅଭିନୟ କରିଛନ୍ତି ।ଏହାର ପ୍ରଯୋଜନା କରିଛନ୍ତି ଧିରେନ ତ୍ରିପାଠୀ, ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାରୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କାଳୀ ପ୍ରସାଦ ପଣ୍ଡା ।ଗୀତ ଗୁଡିକ ଗାଇଛନ୍ତି ସ୍ୱୟଂ ପାଢ଼ୀ, ବିଷ୍ଣୁ ମୋହନ କବି, ତାରିକ ଅଜିଜ, ଅନ୍ତରା ଚକ୍ରବର୍ତ୍ତୀ, ଅର୍ପିତା ପଣ୍ଡା ।ମଞ୍ଚ ପରିଚାଳନାରେ କେପି ଏବଂ ଗୁଞ୍ଜୀ ଥିଲେ।

# ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ

୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ



ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେଓ୍ୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

# ପରିବାରରେ ହସଖୁସି ବଜାୟ ରଖେ ଏହି ଉପାୟ

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁ। ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାର ରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ । ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ । ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

# ସୁସ୍ଥତା ପାଇଁ ସୂର୍ଯ୍ୟ ଉପାସନା

ସୁସ୍ଥ ଜୀବନ ସଫଳତାର ରାସ୍ତାକୁ ସହଜ କରିଥାଏ। ପୁଣି ଆଜିକାଲିର ପ୍ରତିଯୋଗୀତାତ୍ମକ ଜୀବନରେ ତ ଶକ୍ତିଶାଳୀ ଏବଂ ସୁସ୍ଥ ଶରୀର ସବୁଠାରୁ ଅଧିକ ମହତ୍ୱ ରଖେ। ଏହି ସମୟରେ ମିଳୁଥିବା ସୁଯୋଗ ବା ଅବସର ଯଦି ଆପଣଙ୍କ ଦୁର୍ବଳ ଶରୀର ପାଇଁ ନଷ୍ଟ ହୋଇଯାଏ ତେବେ ବିଫଳତା ମିଳିଥାଏ । ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅସଫଳ କରିଦେଇଥାଏ। ଆପଣ ଲକ୍ଷ୍ୟ ରଖିଥିବେ ଯେ ଜଣେ ସୁସ୍ଥ ଏବଂ ସବଳ ବ୍ୟକ୍ତି କିପରି ସଫଳତା ଆଡ଼କୁ ଆଗେଇ ଚାଲିଥାଏ। ଏଣୁ ସୁସ୍ଥ ଶରୀରକୁ ମଧ୍ୟ ଧନ ବା ସମ୍ପତ୍ତି ବୋଲି ବିଚାର କରାଯାଏ। ସୁସ୍ଥ ଶରୀର ଯେ କେବଳ ମଣିଷକୁ ଶାରୀରିକ ଦୃଷ୍ଟିରେ ଶକ୍ତିଶାଳୀ କରାଏ ତାହାନୁହେଁ, ଏହା ମଧ୍ୟ ମାନସିକ ସ୍ତରରେ ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ। ତେଣୁ ଆମକୁ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ। ନିୟମିତ ଅନୁଶାସନ ମଧ୍ୟରେ ରଖିବାକୁ ପଡ଼ିବ। ଜୀବନରେ ସଂଯମତା ଏବଂ ଅନୁଶାସନ ଆଣିବାକୁ ହେଲେ କେତେକ ଧାର୍ମିକ ଉପାୟଗୁଡ଼ିକୁ ଶ୍ରେଷ୍ଠ ଭାବେ ବିଚାର କରାଯାଇଛି। ଯାହା ବିଷୟରେ ଆଜି ଆମେ



ଆଲୋଚନା କରିବା। ଶରୀର ସୁସ୍ଥ ତଥା ସବଳ ରହିବା ପାଇଁ ଧାର୍ମିକ ନିୟମ ଅନୁସାରେ ଦୈନନ୍ଦିନ ସୂର୍ଯ୍ୟଙ୍କୁ ପୂଜା କରିବା ଉଚିତ୍। ଧାର୍ମିକ ଦୃଷ୍ଟିକୋଣରୁ ସୂର୍ଯ୍ୟ ଉପାସନା ସ୍ୱାସ୍ଥ୍ୟ, ସୁଖ-ସମୃଦ୍ଧି, ପ୍ରତିଷ୍ଠା ଆଦି ପ୍ରଦାନ କରିଥାଏ ବୋଲି ବିଶ୍ୱାସ। ବ୍ୟବହାରିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରତିଦିନ ସକାଳେ ସ୍ନାନାଦି କର୍ମ କରିବା ସହ ସ୍ୱଚ୍ଛ ପବନ ଏବଂ ସୂର୍ଯ୍ୟଙ୍କ କୋମଳ କିରଣ ଶରୀରରେ ବାଜିଲେ ମନ ପ୍ରଫୁଲ୍ଲ ରହିବା ସହ ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ। ଅନେକ ଲାଭ ମିଳିଥାଏ। ଏଥିପାଇଁ ମଧ୍ୟ ଶାସ୍ତ୍ରରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ବିଶେଷ ମନ୍ତ୍ର ଦ୍ୱାରା ସୂର୍ଯ୍ୟଙ୍କୁ ପୂଜା କରିବା ବିଧେୟ। ପ୍ରାତଃ ସମୟରେ ସୂର୍ଯୋଦୟ ପୂର୍ବରୁ ଉଠି ସ୍ନାନ କରନ୍ତୁ। ଏହାକୁ ତୀର୍ଥ ସ୍ନାନ କୁହାଯାଏ। ଏହାପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଆଚମନ କରନ୍ତୁ। ତମ୍ବା ପାତ୍ରରେ ଗନ୍ଧ, ସୁଗନ୍ଧିତ ପୁଷ୍ପ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ। ସୂର୍ଯ୍ୟ ବା ନବଗ୍ରହ ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମାରେ ନାଲି ଚନ୍ଦନ, ନାଲି ଫୁଲ, ନାଲି ବସ୍ତ୍ର ଅର୍ପଣ ପୂର୍ବକ ପୂଜା କରନ୍ତୁ। ଗୁଡ଼ ଏବଂ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଅଥବା ଆଖୁ ରସରେ ନୈବେଦ୍ୟ ଲଗାନ୍ତୁ। ଗୁଗ୍‌ଗୁଳ ଧୂପ ବା ଘିଅ ଦୀପ ଜାଳନ୍ତୁ। ଏହାପରେ "ଓଁ ଆଦିତ୍ୟାୟ ବିଦ୍ମହେ, ବିଶ୍ୱଭାବାୟ ଧୀମହି, ତନ୍ନୋ ସୂର୍ଯ୍ୟଃ ପ୍ରଚୋଦୟାତ୍ ।" ସୂର୍ଯ୍ୟଗାୟତ୍ରୀ ମନ୍ତ୍ରକୁ ସ୍ମରଣ କରି ପୂର୍ବ ଦିଗକୁ ମୁହଁ କରି ବସନ୍ତୁ ଏବଂ ନାଲି ଚନ୍ଦନ ଦାନାରେ ନିର୍ମିତ ମାଳାକୁ ୧୦୮ ଥର ଜପ କରନ୍ତୁ। ଏହାଦ୍ୱାରା ଆପଣ ନିରୋଗୀ ରହିବେ। ଏହା ଏକ ପ୍ରକାର ଅନୁଶାସନରେ ପରିଣତ ହୋଇଯିବ। ବ୍ୟାୟମ ପରି କାମ ଦେବ। ସୁସ୍ଥ ତଥା ସବଳ ହୋଇପାରିବେ। ସଫଳତା ଆପଣଙ୍କୁ ନିରାଶ କରିପାରିବ ନାହିଁ।

# ଘରେ ଏସବୁ କାମ କରିଲେ ଛାଡି ପଳାଇବେ ଲକ୍ଷ୍ମୀ

ଅନେକ ସମୟରେ ଆମେ ଦେଖୁ ଘରେ ଅଯଥାରେ ଅଶାନ୍ତି ଲାଗିରହିଥାଏ । ଅର୍ଥର ସଙ୍କଟ ମଧ୍ୟ ଦେଖାଦେଇଥାଏ । ଆମେ ଭାବିଥାଉ ଏହା ଘରର ବାସ୍ତୁ



ଦୋଷ ପାଇଁ ହେଉଛି । ମାତ୍ର ଏହା କେବଳ ଘରର ବାସ୍ତୁ ଦୋଷରୁ ହୋଇନଥାଏ । ଘରର ସଦସ୍ୟ ମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଗୁଁ ମଧ୍ୟ ଘରେ ଏଭଳି ଅଶାନ୍ତି ଲାଗିରହିଥାଏ । ତେଣୁ ଘରେ ଅଶାନ୍ତି ନହେବା ପାଇଁ ଏଭଳି ଅଶୁଭ କାମ ସବୁ କେବେ କରନ୍ତୁ ନାହିଁ । ଘରେ କେବେ ହେଲେ ବି ଖଟ ଉପରେ ବସି ଖାଆନ୍ତୁନାହିଁ । ଏଭଳି କରିବା ଦ୍ୱାରା ଘରେ ସବୁବେଳେ ଅଶାନ୍ତି ବୃଦ୍ଧି ପାଇଥାଏ । ଘରଲୋକଙ୍କ ପାଖରେ କେବେ ହେଲେ ବି ଅର୍ଥ ରହେନାହିଁ । ଘରର ମୁଖ୍ୟ ଦ୍ୱାରରେ କେବେ ହେଲେ ଅଳିଆ ଆବର୍ଜନା ରଖନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ପଡୋଶୀମାନେ ଶତ୍ରୁ ହୋଇଯିବେ । ରାତିରେ ଅଇଁଠା ବାସନ ରଖନ୍ତୁ ନାହିଁ । ବାସନକୁ ଧୋଇକରି ରଖନ୍ତୁ । ରାତିରେ ଅଇଁଠା ବାସନ ରଖିବା ଦ୍ୱାରା ଅର୍ଥହାନି ହୋଇଥାଏ । ଘରେ କେବେ ହେଲେ ଝାଡୁକୁ ଛିଡା କରି ରଖନ୍ତୁନାହିଁ । ଝାଡୁରେ କେବେହେଲେ ଗୋଡ ଲଗାନ୍ତୁନାହିଁ। ଘରେ ଝାଡୁକୁ ସବୁବେଳେ ଲୁଚାଇ ରଖନ୍ତୁ । ନଚେତ୍ ଘରେ ଦାରିଦ୍ର୍ୟ ଦେଖାଦେବ। କେବେ ଆରତୀ, ଦୀପ, ହୋମ ଅଗ୍ନିକୁ ମୁହଁରେ ଫୁଙ୍କି ଲିଭାନ୍ତୁ ନାହିଁ ।

# କାଠଯୋଡି ନଦୀକୁ ଡେଇଁ ପଡ଼ିଲେ ଯୁବକ !

କଟକ,୨।୮(ମହାଭାରତ): ଗତ ବୁଧବାର ଦିନ ୨ଟା ସମୟରେ କୌଣସି କାମରେ କାର୍ ନେଇ ଘରୁ ବାହାରିଥିଲେ ତୁଷାର। ତା'ପରଠୁ ସେ ଘରକୁ ଫେରି ନଥିଲେ। ଅନ୍ ଲାଇନ ଟ୍ରେଡିଙ୍ଗରେ କ୍ଷତି ସହିବା ଯୋଗୁ ଜଣେ ଯୁବକ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ତୁଷାର ଭଟ୍ଟ। ତାଙ୍କ ଘର ଗୁଜରାଟରେ।

ତୁଷାର ଭୁବନେଶ୍ୱରରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ବୁଧବାର ଦିନ ୨ଟା ସମୟରେ କୌଣସି କାମରେ କାର୍ ନେଇ ଘରୁ ବାହାରିଥିଲେ ତୁଷାର। ତା'ପରଠୁ ସେ ଘରକୁ ଫେରି ନଥିଲେ।

ଆଜି ସକାଳେ ତୁଷାରଙ୍କ କାର୍ ତ୍ରିଶୁଳିଆ। ବ୍ରିଜ ଉପରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ। ପାଖରେ ହଳେ ଚପଲ ବି ପଡ଼ି ରହିଥିଲା। ବାରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଘଟଣାର ତଦନ୍ତ କରୁଛି। ଅନ୍ ଲାଇନ ଟ୍ରେଡିଙ୍ଗରେ କ୍ଷତି ସହିବା ପରେ ତୁଷାର ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତୁଷାର ନଦୀକୁ ଡେଇଁବା ପୂର୍ବରୁ ଘରକୁ ନିଜର ସେଲଫି ପଠାଇଥିବା ସୂଚନା ମିଳିଛି। ଖବର ଲେଖାଯିବା ସୁଦ୍ଧା ତୁଷାରଙ୍କର କୌଣସି ପତ୍ତା ମିଳିନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ସୂଚନାଯୋଗ୍ୟ, ଗତ ବୁଧବାର କଟକ ଓଡ଼ିଆ। ବଜାର ଅଞ୍ଚଳର ମମତା ସାହୁ ବ୍ରିଜ୍ ଉପରେ ସ୍କୁଟି ଥୋଇ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ।

# ଡିଏମ୍ଏଫ୍ ଟ୍ରଷ୍ଟର କାର୍ଯ୍ୟକାରିତା ତଦାରଖ ଓ ସମୀକ୍ଷା

ଭୁବନେଶ୍ୱର, ୨।୮(ମହାଭାରତ): ଖଣିଜ ସମୃଦ୍ଧ ଜିଲ୍ଲାଗୁଡିକରେ ରହିଥିବା ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ (ଡିଏମ୍ଏଫ୍)ର କାର୍ଯ୍ୟକାରିତା ସଂପର୍କରେ ରାଜ୍ୟସ୍ତରୀୟ ତଦାରଖ ଓ ସମୀକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅନୁଗୁଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ସୁନ୍ଦରଗଡ, କୋରାପୁଟ, ମୟୁରଭଞ୍ଜ, ରାୟଗଡା ଆଦି ୮ ଟିଡିଏମଏଫ ଜିଲ୍ଲା ରହିଛି।ବୈଠକରେ ବିଭିନ୍ନ ଡିଏମଏଫ୍ ଜିଲ୍ଲାକୁ ବର୍ଷଓ୍ୱାରୀ ପାଣ୍ଠି,ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରିତା ବାବଦରେ ଅର୍ଥ ବିନିଯୋଗ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା।ଡିଏମଏଫ ଜିଲ୍ଲାର ବିଭିନ୍ନ ଅଂଚଳରେ ରାସ୍ତା, ସେତୁ, ସୌଧ ନିର୍ମାଣ, ଶିକ୍ଷା, ପାନୀୟଜଳଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତା ସଂଯୋଗୀକରଣ, ଜୀବିକା ନିର୍ବାହ କାର୍ଯ୍ୟକ୍ଷମ, ଜଳସେଚନ, ମହିଳା, ଶିଶୁ, ବୟସ୍କ ଓ ଭିନ୍ନକ୍ଷମଙ୍କ କଲ୍ୟାଣ, ଶକ୍ତି, ପରିବେଶ, ଦକ୍ଷତା ବିକାଶ, ଗୃହନିର୍ମାଣ ଆଦି କ୍ଷେତ୍ରରେ ଅର୍ଥ ବିନିଯୋଗ କରାଯାଉଛି।ବିଭିନ୍ନ କ୍ଷେତ୍ରରେ ଅର୍ଥ ବିନିଯୋଗ ଓ କାର୍ଯ୍ୟ ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ।

ବୈଠକରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ଡିଏମଏଫ ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାରେ ଏହି ପାଣ୍ଠି ଉପଯୋଗରେ କିପରି କାର୍ଯ୍ୟ କରାଯାଉଛି, ସେ ସଂପର୍କରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ସବିଶେଷ ଆଲୋଚନା କରିବା ସହ ଡିଏମଏଫ ପାଣ୍ଠିର ସଠିକ ଉପଯୋଗ ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ବାର୍ଷିକ ପ୍ରଗତିଶୀଳ ଯୋଜନା ପ୍ରସ୍ତୁତି କରି ସେହି ଅନୁସାରେ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଖଣି ସମୃଦ୍ଧ ଡିଏମଏଫ୍ ଜିଲ୍ଲାରେ ବହୁବିଧ କ୍ଷେତ୍ରରେ ଗୁଣାତ୍ମକ ଭିତ୍ତିଭୂମି ବିକାଶ ଓ ସେବା ପ୍ରଦାନ ସହ ଲୋକମାନଙ୍କର ଜୀବନ ଧାରଣ ମାନରେ ଯେପରି ଉନ୍ନତି ଘଟିବ, ସେମାନେ ଯେପରି ଜୀବିକାର୍ଜନର ସୁବିଧାପାଇବେଏବଂଏହା ଯେପରି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଡିଏମଏଫର ଗଠନ, ଅର୍ଥବ୍ୟବସ୍ଥା, ଯୋଜନା, କାର୍ଯ୍ୟ ଯୋଜନାର ଅନୁମୋଦନ, ପ୍ରକଳ୍ପର ପ୍ରଶାସନିକ ମଂଜୁରୀ, ଟ୍ରଷ୍ଟର କାର୍ଯ୍ୟକାରିତା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଗ୍ରାମ୍ୟ ଉନ୍ନୟନ ତଥା ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ , ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ କମିଶନର ତଥା ଶାସନ ସଚିବ ଆଶ୍ୱତୀ ଏସ୍ , ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି , ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଭିତ୍ତିଭୂମି ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟିର ୬୨ତମ ବୈଠକ



ଭୁବନେଶ୍ୱର,୨।୮ (ମହାଭାରତ): ଭିତ୍ତିଭୂମି ଉନ୍ନତିକରଣ ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟିର ୬୨ତମ ବୈଠକ ଆଜି ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତକମିଟିର ସଦସ୍ୟ ରହିଥିବା ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ଅର୍ଥ ବିଭାଗ ତରଫରୁ ଆହୂତ ଏହି ବୈଠକରେ ଗତ ୨୦୨୩ ସେପ୍ଟେମ୍ବର ୨୫ତାରିଖ, ଡିସେମ୍ବର୧୯ତାରିଖ ଏବଂ ୨୦୨୪ ମାର୍ଚ୍ଚ୪ ତାରିଖରେ ଅନୁଷ୍ଠିତ କମିଟିର ଯଥାକ୍ରମେ ୫୯ତମ, ୬୦ ତମ ଏବଂ ୬୧ ତମ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି ବିଭାଗ, ଶକ୍ତି, ଜଙ୍ଗଲ ଓ ପରିବେଶ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଆଦି ସଂପର୍କିତ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ପ୍ରସ୍ତାବ, କାର୍ଯ୍ୟାନ୍ୱୟନ ସ୍ଥିତିରେ ଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିବା ସହ ପରବର୍ତ୍ତୀ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

# ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସିଇଓ ପଦ ଛାଡ଼ିଲେ ଶିବପ୍ରସାଦ

**ଭୁବନେଶ୍ୱର,୨।୮(ମହାଭାରତ):** ଭୁବନେଶ୍ୱର ମେଟ୍ରୋ ରେଳ ନିଗମ (ବିଏମଆରସିଏଲ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦରୁ ଅବ୍ୟାହତି ନେଇଛନ୍ତି ଶିବପ୍ରସାଦ ସାମନ୍ତରାୟ। ରାଜ୍ୟ ସରକାର ତାଙ୍କର କାର୍ଯ୍ୟକାଳ ବୃଦ୍ଧି ନକରିବା ପରେ ସେ ଏହି ପଦ ଛାଡ଼ିଥିବା ଜଣାପଡ଼ିଛି। ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ଭୁବନେଶ୍ୱର ମେଟ୍ରୋ ରେଳ ପାଇଁ ୧୦୦୦କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରିଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ତତକାଳୀନ ବିଜେଡି ସରକାର ଗତବର୍ଷ ଜୁଲାଇ ମାସରେ ଶ୍ରୀ ସାମନ୍ତରାୟଙ୍କୁ ସିଇଓ ଭାବେ ଏକବର୍ଷ ପାଇଁ ନିଯୁକ୍ତି ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ଗତମାସ ୩୧ତାରିଖରେ ଶେଷ ହୋଇଛି। ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା(ଆଇଆରଏସଇ)ର ଅଧିକାରୀ ଶ୍ରୀ ସାମନ୍ତରାୟ ପୂର୍ବତଟ ରେଳବାଇର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ବ୍ରିଜ୍ ଓ୍ୱାର୍କସ) ଭାବେ କାର୍ଯ୍ୟ କରିସାରିଛନ୍ତି।ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ମୋହନ ସରକାର ଚଳିତ ବଜେଟରେ ୧ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିଲେ ମଧ୍ୟ ସିଇଓ ଶ୍ରୀ ସାମନ୍ତରାୟଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିବାରୁ ନିଗମର ଚିଫ୍ ଜେନେରାଲ ମ୍ୟାନେଜର କଲ୍ୟାଣ ପଟ୍ଟନାୟକ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀ ମାସରେ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ। ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ୨୬କିମି ମାର୍ଗରେ ମୋଟ ୨୦ ଷ୍ଟେସନ ରହିବ ତଥା ୬୨୫୫.୯୪କୋଟି ଟଙ୍କା ବ୍ୟୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ମାର୍ଗ ଚିହ୍ନଟ ସହ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇସାରିଛି।

# ଶିଳ୍ପମନ୍ତ୍ରୀଙ୍କ ବରୁଣେଇ ଶିଳ୍ପାଞ୍ଚଳର ବିଭିନ୍ନ ପ୍ରକଳ୍ପ ସମୀକ୍ଷା

## ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ



**ଖୋର୍ଦ୍ଧା,୨।୮ (ମହାଭାରତ):** ଶୁକ୍ରବାର ଅପରାହ୍ନରେ ୪ଟାରେ ମାନ୍ୟବର ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବରୁଣେଇ ସ୍ଥିତ ଶିଳ୍ପାଞ୍ଚଳ ଗସ୍ତକରି ବିଭିନ୍ନ ଶିଳ୍ପକେନ୍ଦ୍ର ପରିଦର୍ଶନ କରିବା ସଙ୍ଗେସଙ୍ଗେ ସେସବୁର ସମୀକ୍ଷା କରିଛନ୍ତି। ଇଡ଼କୋ ଡିଭିଜନାଲ କାର୍ଯ୍ୟାଳୟରେ ମାନ୍ୟବର ମନ୍ତ୍ରୀ ସ୍ୱାଇଁଙ୍କ ସହ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଚାରା ରୋପଣ କରିଛନ୍ତି। ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଖୋରଧାର ବରୁଣେଇ ଶିଳ୍ପାଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଆଜି ଅପରାହ୍ନରେ ସେଠାରେ ପ୍ରସିଦ୍ଧ ବରୁଣେଇସ୍ଥିତ ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ସଂପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

ପରେ ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲାର ବିଭିନ୍ନ ଶିଳ୍ପ ପ୍ରକଳ୍ପ ଓ ଶିଳ୍ପ ପ୍ରତିଷ୍ଠା ଉପରେ ସମୀକ୍ଷା କରିବା ସହ ବିଭିନ୍ନ ଉଦ୍ୟୋଗ ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ସଂପର୍କରେ ପଚାରି ବୁଝିଥିଲେ। ଜିଲ୍ଲାର ମୁଣ୍ଡାମ୍ବା, କାଳୀବାଟୀ ଏବଂ ଭୂଇଁପୁରରେ ବିଭିନ୍ନ ଉଦ୍ୟୋଗରେ ପ୍ରାୟ ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାର ସମ୍ଭାବନା ରହିଛି ଏବଂ ଏହା ଦ୍ୱାରା ପ୍ରାୟ ୧୩ ହଜାର ଯୁବକଯୁବତୀ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେହିଭଳି ଖୋରଧା ତହସିଲ ଅନ୍ତର୍ଗତ ଏକ ହଜାର ଏକର, ବୋଲଗଡ଼ର ୬୦୦ ଏକର ଏବଂ ବେଗୁନିଆର ୭୦୦ ଏକର ଜମିରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବା ରାଜ୍ୟର ଯୁବକଯୁବତୀ ମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ।

ଉକ୍ତ ବୈଠକରେ ଯୋଗଦେଇ ଖୋରଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ କହିଲେ ଯେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେଲେ ସ୍ଥାନୀୟ ବାସିନ୍ଦାମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ବରୁଣେଇ ଓ ଖୋରଧା ସହରର ବିକାଶ କ୍ଷେତ୍ରରେ ଏହି ଉଦ୍ୟୋଗଗୁଡ଼ିକ ସହଯୋଗ କରିବେ। ଖୋରଧା ଭଳି ବୀର ମାଟିରେ ସ୍ମୃତି ରକ୍ଷା କ୍ଷେତ୍ରରେ ବିଭିନ୍ନ ସଂସ୍ଥା ସହଯୋଗ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସଂପୃକ୍ତ ଅଞ୍ଚଳକୁ ଯୋଗାଯୋଗ, ପାର୍କିଂ, ଆଲୋକୀକରଣ, ସାଧାରଣ ସୁବିଧା ଉପଲବ୍ଧ କରିବା ନିମନ୍ତେ ସମସ୍ତ ସହଯୋଗ କରାଯିବ ବୋଲି ଶ୍ରୀ ଜଗଦେବ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ବେଗୁନିଆ। ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ଶ୍ରୀ ନବକିଶୋର ମଲ୍ଲିକ ଯୋଗଦେଇ ସେମାନଙ୍କ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହ ଏଥି ନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ମନ୍ତ୍ରୀଙ୍କ ଏହି ଗସ୍ତ ଓ ସମୀକ୍ଷା ବୈଠକ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା,ଇଡ୍କୋର ପରିଚାଳନା ନିର୍ଦ୍ଦେଶକ/ ଶ୍ରୀ ଭୂପିନ୍ଦର ସିଂ ପୁନିଆ।, ଭାପ୍ରସେୟ ଏମଡି ଇଡକୋ / ସୁଶ୍ରୀସ୍ମିତା ପ୍ରଧାନ, ଆସିଷ୍ଟାଣ୍ଟ ମାନେଜର, ଇଡକୋ /ହେମାବତୀ ପାତ୍ର, ଡିଭିଜନ ହେଡ୍, ଇଡକୋ/ ପ୍ରଜ୍ଞାଦାରା ମିଶ୍ର, ସି ଜି ଏମ,ଭୂମି/ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋରଧାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ସାଫଲ୍ୟମଣ୍ଡିତ ପ୍ରଧାନ/ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋରଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ଉପଜିଲ୍ଲାପାଳ ଶ୍ରୀ ନୀତିଶ ତ୍ରିପାଠୀ, ମାନସ ରଞ୍ଜନ ସ୍ୱାଇଁ , ତହସିଲଦାର ଖୋର୍ଦ୍ଧା, ଶ୍ରୀ ଓମ ପ୍ରକାଶ ଶତପଥି,ଟି . ଏଲ. ଆଇ. ପି . ଇ ଇଡ୍କୋ, ଶିଳ୍ପ ବିଭାଗ, ଜିତେନ୍ଦ୍ରିୟ ଜେନା , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭୁବନେଶ୍ୱର, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଟିଟିରେ ଡିଜିଟାଲ ଜାଲିଆତି ଓ ଅବୈଧ କଣ୍ଟେଣ୍ଟ ପ୍ରଦର୍ଶନକୁ ନେଇ ସଂସଦରେ ଉଦ୍‌ବେଗ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୮ (ମହାଭାରତ) :** ଓଟିଟି ପ୍ଲାଟଫର୍ମରେ ଡିଜିଟାଲ ଜାଲିଆତି ଓ ଅବୈଧ କଣ୍ଟେଣ୍ଟ ପ୍ରଦର୍ଶନକୁ ନେଇ ସଂସଦରେ ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ସାଂସଦ ମାନସ ମଙ୍ଗରାଜ। ବର୍ତ୍ତମାନ ସମୟରେ ଓଟିଟି ପ୍ଲାଟଫର୍ମର ଏକ ବଡ଼ ମାର୍କେଟ ରହିଛି। ଯୁବଗୋଷ୍ଠୀ ଓଟିଟି ମୁହାଁ ହୋଇଥିବା ବେଳେ ଏହାର ଫାଇଦା ନେଇ ସେହି ପ୍ଲାଟଫର୍ମରେ ଡିଜିଟାଲ ଜାଲିଆତିଠୁ ନେଇ ଅବୈଧ କଣ୍ଟେଣ୍ଟ ପ୍ରଦର୍ଶନ ବହୁଳ ମାତ୍ରାରେ ବଢିବାରେ ଲାଗିଛି। ଯାହା ଯୁବଗୋଷ୍ଠୀଙ୍କ ଉପରେ ଖରାପ ପ୍ରଭାବ ପକାଉଛି। ଏଥି ସହିତ ଯୁବଗୋଷ୍ଠୀଙ୍କୁ ମଧ୍ୟ ମନୋରଞ୍ଜନ ଯୋଗାଇବା ମାଧ୍ୟମରେ ବିପଥଗାମୀ କରାଇଦେଉଛନ୍ତି କିଛି ଓଟିଟି ପ୍ଲାଟଫର୍ମ।



ଏନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କୁ ଏକ ଲିଖିତ ପ୍ରଶ୍ନରେ ଓଟିଟି ପ୍ଲାଟଫର୍ମର ବ୍ୟବହାର ନେଇ ଯୁବଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ଓଟିଟି ଓ ଡିଜାଟାଲ ପ୍ଲାଟଫର୍ମର କଣ୍ଟେଣ୍ଟ ସୂଚନା ପ୍ରଯୁକ୍ତି ଆଇନ-୨୦୦୦ ଦ୍ୱାରା ନିୟନ୍ତ୍ରୀତ ହୋଇଥାଏ। ଏହି ଆଇନରେ ଡିଜିଟାଲ ମିଡିଆ। ପାଇଁ ଏକ କୋଡ ଅଫ୍ ଏଥିକ୍ସ ରହିଛି। ଆଇନତଃ ଯେଉଁ କଣ୍ଟେଣ୍ଟଗୁଡିକ ପ୍ରକାଶ କରାଯିବା ଉଚିତ ନୁହେଁ, ତାହାକୁ ଏହି କୋଡ ଅଫ୍ ଏଥିକ୍ସ ଦ୍ୱାରା ନିୟନ୍ତ୍ରୀତ କରାଯାଇଥାଏ। ଏଥିରେ ବୟସ ଅନୁଯାୟୀ ବର୍ଗୀକରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଶିଶୁମାନେ କିଭଳି ବର୍ଜିତ କଣ୍ଟେଣ୍ଟ ଆକ୍ସେସ କରିପାରିବେ ନାହିଁ ସେନେଇ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କୁହାଯାଇଛି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି।

# କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ : ସର୍ବୋଚ୍ଚ ଯନ୍ତ୍ରୀ

**ଭୁବନେଶ୍ୱର, ୨।୮(ମହାଭାରତ) :** ବଢୁଛି ବିଭିନ୍ନ ନଦୀର ଜଳସ୍ତରୟ କିନ୍ତୁ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। କାରଣ ବିପଦ ସଙ୍କେତର ବହୁତ ତଳେ ରହିଛି ଜଳସ୍ତର। ଲଘୁଚାପ ଜନିତ ବର୍ଷା ହେଲେ ବି ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇପାରେ ବୋଲି କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି।ବର୍ତ୍ତମାନ ହୀରାକୁଦରେ ୬୦୮.୫୮ ଘନଫୁଟ ଜଳସ୍ତର ରହିଛି। ଜଳଭଣ୍ଡାର କୁ ୧ ଲକ୍ଷ ୨୦ ହଜାର କ୍ୟୁସେକ ପାଖା ପାଖି ଇନଫ୍ଲୋ ଅଛି। ଏବେ ପର୍ଯ୍ୟନ୍ତ ୬ଟି ସ୍ଲୁଇସ ଗେଟ ମାଧ୍ୟମରେ ବନ୍ୟା ଜଳ ନିଷ୍କାସନ ହେଉଛି। ୬ଟି ଗେଟ ଦ୍ୱାରା ୧.୩୦ ଲକ୍ଷ କ୍ୟୁ ସେକ ଜଳ ନିଷ୍କାସିତ ହେଉଛି। ମୁଣ୍ଡଳୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ଆଜି ଆଭରେଜ ୨୪ ମିଲିମିଟର ବର୍ଷା ହୋଇଛି। ଉପର ବ୍ରାହ୍ମଣୀରେ ୨୭ ମିଲିମିଟର ବର୍ଷା ହୋଇଛି। ବୈତରଣୀରେ ବେସିନରେ ୧୧ ଏମଏମ ବର୍ଷା ହୋଇଛି। କୋଲାବରେ ଆଗରୁ ଅଧିକ ବର୍ଷା ପାଇଁ ଅତୀତରେ ମାଲକାନ ଗିରିରେ ବନ୍ୟା ହୋଇଥିଲା। ସୁବର୍ଣ୍ଣରେଖା ବେସିନରେ ମଧ୍ୟ ୧୧ ଏମଏମ ବର୍ଷା ହୋଇଥିବା ଜଣାପଡିଛି। ଇନ୍ଦ୍ରାବତୀ ବେସିନରେ ୧୭ ଏମଏମ ହୋଇଛି। ଏହା ଫଳରେ ସବୁ ଜାଗାରେ ଜଳଭଣ୍ଡାର ସ୍ତର ଅଧିକ ବୃଦ୍ଧି ପାଉଛି। କୌଣସି ଜାଗାରେ ନଦୀ ଜଳସ୍ତର ବିପଦ ସଂକେତ ଅବସ୍ଥାରେ ନାହିଁୟ ବନ୍ୟା ପରିସ୍ଥିତି କେଉଁଠି ମଧ୍ୟ ନାହିଁ। ବ୍ରାହ୍ମଣୀ ଜଳସ୍ତର ମଧ୍ୟ ବଢ଼ିପାରେ ବୋଲି ପ୍ରତିକ୍ରିୟା ରଖିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ଇଂଭକ୍ତ ରଂଜନ ମହାନ୍ତି। ଏହି ଲଘୁଚାପ ପାଇଁ ବିଶେଷ କିଛି ପ୍ରଭାବ ପଡିବ ନାହିଁ। ଉପର ବ୍ରାହ୍ମଣୀରେ ବର୍ଷା ପାଇଁ ଟିକେ ଜଳସ୍ତର ବଢ଼ିପାରେ। ଆଉ ୩୦ରୁ ୪୦ହଜାର କ୍ୟୁସେକ ଜଳ ବଢ଼ିପାରେ ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ମାଲ ପରିବହନ ପାଇଁ ଦେଶରେ ଶୀର୍ଷ

**ଭୁବନେଶ୍ୱର, ୨।୮(ମହାଭାରତ):** ଚଳିତ ଆର୍ଥିକ ବର୍ଷରେ ଅର୍ଥାତ ୧ ଏପ୍ରିଲ ୨୦୨୪ ରୁ ୧ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ। ଖୋର୍ଦ୍ଧା ରୋଡ୍ ମଣ୍ଡଳ ହେଉଛି ପ୍ରଥମ ମଣ୍ଡଳ ଯାହା ୧୨୩ ଦିନରେ ୧୦୦ ମିଲିୟନ୍ ଟନ୍ ମାଲ ପରବହନ କରିପାରିଛି ଏବଂ ଭାରତୀୟ ରେଳବାଇ ର ସମସ୍ତ ମଣ୍ଡଳ ମଧ୍ୟରେ ମାଲ ପରିବହନ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। ମାଲ ପରିବହନରେ ଲୋଡିଂ ଏବଂ ଅନଲୋଡିଂ ଉଭୟ ସାମିଲ ଅଟେ। ଏହି ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଗତ ବର୍ଷର ସମାନ ଅବଧି ତୁଳନାରେ ୬% ଅଧିକ ମାଲ ପରିବହନ କରିଛି। ଜୁଲାଇ ୨୦୨୪ ରେ ୧୩.୬୯ ମିଟ୍ରିକ୍ ଟନ୍ ପରିବହନ କରିଛି ଏବଂ ୧୧.୬ ମିଟ୍ରିକ୍ ଟନ୍ ମାଲ ଅନଲୋଡ୍ କରିଛି, ଯାହା ଜୁଲାଇ ୨୦୨୩ ତୁଳନାରେ ୯% ଅଧିକ (ଅର୍ଥାତ ଲୋଡିଂରେ ୮% ଅଧିକ ଏବଂ ଅନଲୋଡିଂରେ ୧୦% ଅଧିକ) ଅଛି। ମୁଖ୍ୟ ମାଲ ଯୋଗାଣକାରୀଗୁଡିକ ହେଉଛି ତାଲଚେର, ପାରାଦୀପ, ଧମରା, ନୟାଗଡ଼, ମେରା ମଣ୍ଡଲି, ସୁକିନ୍ଦା, ଯାହାଠାରୁ ବିଭିନ୍ନ ପଣ୍ୟ ସମେତ କୋଇଲା, ଲୌହ, ଖାଦ୍ୟ ସାମଗ୍ରୀ, ପେଟ୍ରୋଲିୟମ , କଞ୍ଚା ମାଲ ଇତ୍ୟାଦି ପରିବହନ କରାଯାଇଛି।ଶ୍ରୀ ଏଚ ଏସ୍ ବଜ୍ୱା, ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏଂ ରେଳ ବିଭାଗର ଅଧିକାରୀ ମାନଙ୍କ ଚେଷ୍ଟାରେ ଏହି ସଫଳତା ମିଳିଛି।

# ଉତ୍ତରପ୍ରଦେଶ ଆଳୁ ବହୁତ ଭଲ

ଭୁବନେଶ୍ୱର, ୦୨।୮(**ମହାଭାରତ.**): ପଶ୍ଚିମବଙ୍ଗ ସରକାରଙ୍କ ମନମାନୀ ଏବଂ ବ୍ୟବହାର ଖରାପ ପାଇଁ ଓଡିଶା ଆଉ ପଶ୍ଚିମବଙ୍ଗରରୁ ଆଳୁ ଆଣିବନି ବୋଲି ପ୍ରତିକ୍ରିୟା ରଖିଛନ୍ତି ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା। ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ପଣ୍ଡା କହିଛନ୍ତି ବର୍ତମାନ ସୁଦ୍ଧା ଉତରପ୍ରଦେଶ ରୁ ରାଜ୍ୟକୁ ୧୨ଟି ଗାଡି ଆଳୁ ଆସି ସାରିଲାଣି। ଆଉ ଅଧିକ ଗାଡି ଅର୍ଡର କରାଯାଇଛି । ଯାହା ଚାରି ରୁ ପାଂଚ ଦିନ ଭିତରେ ରାଜ୍ୟରେ ପହଂଚିବ। ଶ୍ରୀ ପଣ୍ଡା କହିଛନ୍ତି ଉତରପ୍ରଦେଶ ଆଳୁ ବହୁତ ଭଲ ରହିଛି ଏବଂ ଦର ମଧ୍ୟ ଖାଉଟିଙ୍କୁ ସୁହାଇବ ।

# ସରକାରଙ୍କ ପ୍ରଥମ ବଜେଟ ବିକଶିତ ଓଡ଼ିଶାର ମୂଳଦୁଆ ସ୍ଥାପନା କରିଛି : ବିଜେପି

**କୋରାପୁଟ/ଭୁବନେଶ୍ୱର, ୨/୮ (ମହାଭାରତ) :** ଓଡ଼ିଶାରେ ବିଜେପିର ପ୍ରଥମ ସରକାର ରାଜ୍ୟରେ ଏକ ନୂତନ ରାଜନୈତିକ ସଂସ୍କୃତିର ପ୍ରତିଷ୍ଠା କରିଛି। ନିର୍ବାଚନ ସଂକଳ୍ପପତ୍ରରେ ବିଜେପି ଯାହା ଯାହା ପ୍ରତିଶ୍ରୁତି ଦେଇଥିଲା, ପ୍ରାୟ ସମସ୍ତ ପ୍ରତିଶ୍ରୁତି ପୂରଣ କରିବା ପାଇଁ ପ୍ରଥମ ବଜେଟ୍‌ରେ ହିଁ ବ୍ୟୟବରାଦ କରି ବିଜେପି ଏକ ନୂତନ ପରମ୍ପରା ସୃଷ୍ଟି କରିଛି। ଗତ ସରକାର ଯେଉଁ ବଜେଟ୍ ପ୍ରସ୍ତୁତ କରୁଥିଲା, ସେଥିରୁ ଚଳିତବର୍ଷ ବଜେଟ୍ ୧୫% ଅଧିକ ବଢ଼ିଛି। ଓଡ଼ିଶାର ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ନୂଆ ସରକାରର ପ୍ରଥମ ବଜେଟ ବିକଶିତ ଓଡିଶାର ମୂଳଦୁଆ ସ୍ଥାପନା କରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଆଜି କୋରାପୁଟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ସାମଲ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ'କୁ ଆଧାର କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବଜେଟ୍ ଉପସ୍ଥାପନ କରିଛନ୍ତି। ଆର୍ଥିକ ୨୦୨୪-୨୫ ପାଇଁ ମୋଟ ୨ଲକ୍ଷ ୬୫ହଜାର କୋଟି ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି। ବିଜେପି ସରକାର ପ୍ରଥମ ବଜେଟ୍‌ରେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଛି। ସ୍କୁଲ୍ ଡ୍ରପଆଉଟ୍ ବନ୍ଦ କରିବା, ଉପସ୍ଥାପନ ବଢ଼ାଇବା ଓ ସବୁ ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ତୁରନ୍ତ ୧୬୦୦୦ ଶିକ୍ଷକ ପଦବୀ ପୂରଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏହାପରେ ସବୁ ସ୍କୁଲରେ ଯେପରି ଶିକ୍ଷକ ଅଭାବ ଦୂରହେବ ସେଥିପ୍ରତି ଲକ୍ଷ୍ୟ ରଖାଯାଇଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଛି। ପିଡିଏସ୍ (ପବ୍ଲିକ ଡିଷ୍ଟିବ୍ୟୁସନ ସିଷ୍ଟମ୍)କୁ ତ୍ୱରାନ୍ୱିତ କରିବା ଉପରେ ଜୋର୍ ଦିଆଯାଇଛି। ଓଡ଼ିଶାରେ ୩.୨୫ କୋଟି ଲୋକ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେଉଛନ୍ତି। ସେମାନକ ଆର୍ଥିକ ଅଭିବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ବଜେଟ୍‌ରେ ଠେଲା ଦୋକାନୀଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀଙ୍କ ବିକାଶ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ଏନେଇ ବିଭିନ୍ନ ଯୋଜନା ତ୍ୱରାନ୍ୱିତ କରାଯାଇଛି।

ଚଳିତ ବଜେଟ୍‌ରେ 'କିଶାନ ସମ୍ମାନ ଯୋଜନା' ପାଇଁ ସର୍ବାଧିକ ବ୍ୟବସ୍ଥା କରାଯାଇଛି। ଏଥିରେ ୬ ଲକ୍ଷରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଏଣିକି ଚାଷୀମାନେ ଧାନ କ୍ୱିଂଇଟାଲ ପିଛା ଓଡିଶାରେ ୩୧ଶହ ଟଙ୍କା ପାଇବେ। କେନ୍ଦ୍ରୀୟ ବଜେଟରେ ମଧ୍ୟ ଓଡ଼ିଶାର ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ବଜେଟ୍ ଓଡ଼ିଶା ପାଇଁ ଐତିହାସିକ ବଜେଟ୍ ହୋଇଛି। ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେବଳ ରେଳ ଲାଇନ୍‌ର ବିକାଶ ପାଇଁ କରାଯାଇଛି। ଓଡ଼ିଶାର ସବୁ ଜିଲ୍ଲାରେ ରେଲ୍‌ୱେ ଲାଇନ ହେବ। ସେ ଦୃଷ୍ଟିରୁ ମାଲକାନ୍‌ଗିରି ଜିଲାରେ ଯୁଦ୍ଧକାଳୀନ ଭିତିରେ ରେଳ ଲାଇନ୍ ପାଇଁ ସମ୍ପୂର୍ଣ୍ଣ ବ୍ୟୟବରାଦ କରାଯାଇଛି। ସେହିପରି ମେଟ୍ରୋ ରେଳ ପାଇଁ ୧ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଭିତିଭୂମିର ଅଭିବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କୋରାପୁଟରୁ ଆରମ୍ଭ କରି ଓଡ଼ିଶାର ସବୁ ଅଂଚଳରେ ପର୍ଯ୍ୟଟନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଆମ ସରକାର ସଂକଳ୍ପ ନେଇଛି। ଦେଓମାଳିଠୁ ଆରମ୍ଭ କରି ଗୋପାଳପୁର, ତାଳସାରୀ ପର୍ଯ୍ୟନ୍ତ ସବୁ ଅଂଚଳକୁ ବିକଶିତ କରାଯିବ। ଚିଲିକାକୁ ପର୍ଯ୍ୟଟନ କେନ୍ଦ୍ର କରାଯିବ। ଓଡ଼ିଶାରେ କୋଷ୍ଟାଲ ହାଇୱେ ଘୋଷଣା କରି ଉପକୂଳବର୍ତ୍ତୀ ଅଂଚଳ ଗୁଡ଼ିକର ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ସରକାର ଯେତେ ମେଡିକାଲ କଲେଜ ଖୋଲିବାକୁ ଆବେଦନ କରିଥିଲେ କେନ୍ଦ୍ର ସେସବୁକୁ ଅନୁମୋଦନ କରିଦେଇଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଶିଳ୍ପର ଅଭିବୃଦ୍ଧି କରାଯିବ। ଓଡ଼ିଶାର ଯୁବକମାନଙ୍କୁ ଦାଦନ ଖଟିବାକୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ସେମାନେ ଓଡ଼ିଶାରେ ହିଁ କର୍ମସଂସ୍ଥାନ ପାଇପାରିବେ। ବିକଶିତ ଓଡ଼ିଶା ଗଠନର ଏହାର ପ୍ରଥମ ସୋପାନ ହେବ। ସଂକଳ୍ପପତ୍ରରେ ଯାହା ସବୁ ଉଲ୍ଲେଖ ଅଛି ତାହା ଏହି ବଜେଟ୍‌ରେ ପ୍ରତିଫଳନ ହୋଇଛି। ୧୦୦ ଦିନ ମଧ୍ୟରେ ଏହାର କ୍ରିୟାନ୍ୱୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏଭଳି ଲୋକାଭିମୁଖୀ ବଜେଟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି।

# ଦୁର୍ନୀତିଗ୍ରସ୍ତଙ୍କୁ ସାମାଜିକ ବାସନ୍ଦ

ରାଜ୍ୟରେ ପ୍ରତିଦିନ କେଉଁଠାଇ ନା କେଉଁଠି ସରକାରୀ ଅଧିକାରୀ, ଯନ୍ତ୍ରୀ, ପୋଲିସ ବାବୁ ବା କିରାଣୀ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ଅଧିକାଂଶ ସମୟରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପରେ ତାଙ୍କ ତାଙ୍କ ଘର ଉପରେ ଚଢ଼ଉ କରାଯାଉଛି। ଭିଜିଲାନ୍ସ ଚଢ଼ଉ ବେଳେ ଆଖି ଖୋସିହେଲା ଭଳି ସମ୍ପତ୍ତି ଧରାପଡୁଛି। ଉଭା ଯେତେ ପୋତା ସେତେ ଭଳି ଉପରକୁ ଯେତିକି ସମ୍ପତ୍ତି ଠାବ ହେଉଛି, ବେନାମୀ ଭାବେ ତାହାଠାରୁ ଢେର ଅଧିକ ରହିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବେଶ ଅୟସ ବିଳାସରେ ଜୀବନ ବିତାନ୍ତି, ଭଲ ଖାଇବା, ପିନ୍ଧିବା ଏବଂ ବୁଲିବାରେ କାଣି ଭଳି ଖର୍ଚ୍ଚ କରନ୍ତି। ଏହାର ହିସାବ ଭିଜିଲାନ୍ସ ପାଖରେ ନାହିଁ। ଟମାଟୋ ଦର ୧୦୦ ଟଙ୍କା ହେଲେ ବି ସେମାନଙ୍କ ପାଇଁ ବିଶେଷ ଫରକ ନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସେମାନେ ନିର୍ଲିପ୍ତ ରହନ୍ତି। କାରଣ ସେମାନେ କଳାଧନର ପାହାଡ଼ ଉପରେ ବସିଥାନ୍ତି। କଳାଟଙ୍କା ଖର୍ଚ୍ଚ କରିବାକୁ ସେମାନଙ୍କୁ ଚିନ୍ତା ଏବଂ ଯୋଜନା କରିବାକୁ ପଡ଼ିଥାଏ। ଅନେକ ସମୟରେ ସେମାନେ ଦରବୃଦ୍ଧିରେ ଖୁସି ହୁଅନ୍ତି। ଏହାର କାରଣ ଦୁଇଟି। ପ୍ରଥମ କାରଣ ହେଲା ନିଜର କଳାଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟରେ ସାଧାରଣ ଲୋକେ ଯେଉଁ ସାମଗ୍ରୀ କିଣିବାକୁ ଅସମର୍ଥ ହୁଅନ୍ତି, ସେମାନେ ଏହାକୁ ସହଜରେ କିଣି ଆତ୍ମବଡ଼ିମା ଦେଖାନ୍ତି। ବାହାରକୁ ଗଲେ ଏମାନେ ପଞ୍ଚତାରକା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ବିମାନ ଯାତ୍ରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବିପୁଳ ଖର୍ଚ୍ଚ କରନ୍ତି। ଦାମୀ ଗାଡ଼ି କିଣିବା ଏମାନଙ୍କର ସଉକ। ସବୁଠାରୁ ବଡ଼ କଥା ହେଲା ଏମାନେ ନିର୍ବାଚନ ବେଳେ ନେତାଙ୍କୁ ମୋଟା ଅଙ୍କର ଚାନ୍ଦା ଦିଅନ୍ତି। ଭଲ ଯାଗାରେ ପୋଷ୍ଟି ହେବାକୁ ଉପରିସ୍ଥ ଅଧିକାରୀ ଏବଂ ନେତାଙ୍କୁ ମଧ୍ୟ ଲାଞ୍ଚ ଦିଅନ୍ତି। ଏମାନଙ୍କ ପାଇଁ ମୁଦ୍ରାସ୍ଫୀତି ବଢୁଛି। କୌଣସି ସାମଗ୍ରୀର ଦର ବଢ଼ିଲେ ଏମାନେ ଏହାକୁ ସହଜରେ କିଣିପାରନ୍ତି। ତେଣୁ ବେପାରୀ କାହିଁକି ଦର କମାଇବ ? ଏଥିରେ ଗରିବ ଓ ସାଧାରଣ ବ୍ୟକ୍ତିଟିଏ ଶୋଷଣରୁ ଶିକାର ହୋଇଥାଏ। ଏହା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଯାଞ୍ଚ ବେଳେ ତାଙ୍କର ଯେଉଁ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ତାହା ଅବିଶ୍ୱାସନୀୟ। ଜଣେ ଲୋକ ନିଜର ଚାକିରୀ କାଳ ଭିତରେ ନ୍ୟାୟସଙ୍ଗତ ଆୟରୁ ଏତେ ସମ୍ପତ୍ତି ଠୁଳ କରିବା ଅସମ୍ଭବ। ତାଙ୍କର ୩୪ଟି ପ୍ଲଟ, ବିପୁଳ ପରିମାଣର ସୁନା, ଘର, ଫ୍ଲାଟ ଏବଂ ଦାମୀ କାର ତଥା ଫାର୍ମ ହାଉସ ରହିଛି। ସେହିପରି ଜଣେ ଯୁଗ୍ମ ଅବକାରୀ କମିଶନରଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଛି। ତାଙ୍କ କଳାଧନ ଆଗରେ ଯନ୍ତ୍ରୀ ପଛରେ ପଡ଼ିଯିବେ। ଜଟଣୀର ଜଣେ ମହିଳା ସହକାରୀ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ତାଙ୍କ ବିଳାସପୂର୍ଣ୍ଣ ଜୀବନ ସମ୍ପର୍କରେ ବେଶ ରୋଚକ ତଥ୍ୟ ମିଳିଛି। ଠିକାଦାରଙ୍କ ବିଲ୍ ପାସ୍ କରାଇବା ଲାଗି ସେ କେବଳ ପିସି ଆଦାୟ କରୁନଥିଲେ, ଠିକାଦାରଙ୍କୁ ଇଲିସି ମାଛଠାରୁ ଆରମ୍ଭ କରି ବାଳକାଟି ମଟନ ମଧ୍ୟ ମାଗୁଥିଲେ। ସତେ ଯେମିତି ସରକାର ତାଙ୍କୁ ଦରମା ଦେଉନାହାଁନ୍ତି ବା ଏସବୁ କିଣିବାକୁ ତାଙ୍କର ସାମର୍ଥ୍ୟ ନାହିଁ ! ଜଣେ ଠିକାଦାର ଏତେ ଟଙ୍କା ଲାଞ୍ଚ ବାବଦରେ ଖର୍ଚ୍ଚ କଲେ ସେ ନିଜ କାମରେ ନିଶ୍ଚୟ ଠକିବ। ନଚେତ ତାଙ୍କର ଲାଭ କେଉଁଠୁ ବାହାରିବ ? ସେ କିପରି ଚଳିବେ ? ସେ ଯେଉଁ କାମ ପାଇଁ ପ୍ରାପ୍ୟ ପାଉଛନ୍ତି, ତାହା ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଅର୍ଥାତ ସାଧାରଣ ଲୋକଙ୍କ ଅର୍ଥକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଅପବ୍ୟୟ କରୁଛନ୍ତି। ସେମାନଙ୍କୁ ଲୁଟେରା ବୋଲି କହିଲେ ଭୁଲ ହେବ ନାହିଁ। ଭିଜିଲାନ୍ସ ଯେତିକି ଲୋକଙ୍କୁ ଧରୁଛି, ତାହାର ଶହେ ଗୁଣ ଲୋକ ଦୁର୍ନୀତି କରି ଖସି ଯାଉଛନ୍ତି। ଯେଉଁମାନେ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ସସପେଣ୍ଡ ହେଉଛନ୍ତି, ସେମାନଙ୍କ ଭିତରୁ ଖୁବ କମ ଲୋକ ଦଣ୍ଡିତ ହେଉଛନ୍ତି। ଅଧିକାଂଶ ଦୁର୍ନୀତିଗସ୍ତ ସରକାରୀ ଅଧିକାରୀ , କର୍ମଚାରୀ ବା ଯନ୍ତ୍ରୀ ଆଇନର ଜଳାବାଟରେ ଖସି ଯାଉଛନ୍ତି। ସସପେଣ୍ଡ ହେଲେ ମଧ୍ୟ କିଛି ଦିନ ପରେ ସେମାନେ ପୁଣି ଚାକିରୀରେ ଥଇଥାନ ହେଉଛନ୍ତି ଏବଂ ଅବସର ପରେ ମୋଟା ଅଙ୍କର ପେନସନ ପାଇ ଆରାମରେ ଜୀବନ ବିତାଉଛନ୍ତି। ସେମାନଙ୍କ ପ୍ରତି ଯେଉଁ ଦଣ୍ଡ ବିଧାନ ହେଉଛି ତାହା କିଛି ନୁହେଁ। ଏଥିପ୍ରତି ସାଧାରଣ ଜନତା ସଚେତନ ହେବା ଉଚିତ ଏବଂ ଏଭଳି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ କରାଯିବା ଉଚିତ। ଏଭଳି ଅଭିଯୁକ୍ତଙ୍କ ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ସସପେଣ୍ଡ ନୁହେଁ, ଏମାନଙ୍କୁ ଚାକିରୀରୁ ବହିଷ୍କାର କରାଯିବା ଉଚିତ।

# କବିଚନ୍ଦ୍ର କାଳୀଚରଣ

## ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିଲା ୧୯୫୮ରେ। ଏଥିପାଇଁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ଯେଉଁ ମହାନ ଓଡ଼ିଆଙ୍କ ଯୁକ୍ତିକୁ ଗ୍ରହଣ କରିଥିଲା, ସେ ହେଉଛନ୍ତି କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ଓଡ଼ିଶାର ରଙ୍ଗମଞ୍ଚ ଆନ୍ଦୋଳନର ଏଡି ବିପ୍ଳବୀ ଏକାଧାରରେ ଥିଲେ କବି, ନାଟ୍ୟକାର, ଗବେଷକ, ସଂଗୀତ ନିର୍ଦ୍ଦେଶକ, ଗାୟକ ଓ ଅଭିନେତା। ନିଜ ଜୀବନ କାଳରେ ବହୁ ଯଶଃ ଲାଭ କରିଥିଲେ ପୁଣି ଅପବାଦିତ ମଧ ହୋଇଥିଲେ। ପରଲୋକର



ମାତ୍ର ଏକବର୍ଷ ପୂର୍ବରୁ ତାଙ୍କର ଆତ୍ମଚରିତ କୁମ୍ଭାର ଚକ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର ପାଇଥିଲା। ସେ ଭାରତ ସରକାରଙ୍କ ପ୍ରଦତ୍ତ ପଦ୍ମଶ୍ରୀ ଉପାଧି ପ୍ରତ୍ୟାଖ୍ୟାନ କରିଥିଲେ। କାଳୀଚରଣ ଓଡ଼ିଶାର ସର୍ବଶ୍ରେଷ୍ଠ ସଫଳ ମଞ୍ଚ ପରିଚାଳକ, ଯିଏ ନାଟକ ସହ ଏକାଧିକ ଦଶନ୍ଧି ସକ୍ରିୟ ଭାବେ ସଂପୃକ୍ତ ଥିଲେ। ସେ ରାସ ମାଧ୍ୟମରେ ନାଟକ କ୍ଷେତ୍ରରେ ପ୍ରବେଶ କରିଥିଲେ। ୧୯୧୮ରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ ନାଟକ ଧ୍ରୁବ। ରାସ ନାଟକ ସହ ସଂପର୍କ ୧୯୩୯ ଯାଏଥିଲା। ଏକ ବ୍ୟବସାୟିକ ରାସ ଦଳ ଗଢ଼ି ସାରା ଓଡ଼ିଶା ବୁଲି ବୁଲି ରାସ-ରସ ପରିବେଷଣ କରିଥିଲେ। ରାସରେ ପ୍ରହସନ ଭିର୍ତ୍ତିକରି ନିନ୍ଦିତ ମଧ ହୋଇଥିଲେ। ଅଜବ ସହର ପୁରୀରେ ଭାଇ। ଅଜବ ସହର ପୁରୀ। ମଶା, ମୂଷା, ମହନ୍ତ, ମାତା, ମାଙ୍କଡ଼, ମାହାରୀ ଏଠି କରତା - ଏହି ଲେଖା ପୁରୀର ମାତା, ମହନ୍ତଙ୍କୁ ବଡ଼ ଅସ୍ୱସ୍ତି ଦେଇଥିଲା। ତୀବ୍ର ପ୍ରତିକ୍ରିୟା ଯୋଗୁଁ ସେ ପୁରୀ ଛାଡ଼ିବାକୁ ବାଧ ହୋଇଥିଲେ। ୧୯୩୯ରେ କାଳୀଚରଣ ରାସ ଛାଡ଼ି ଗଢ଼ିଥିଲେ ଓଡ଼ିଶା ଥିଏଟର୍ସ। ତାଙ୍କ ଦ୍ୱାରା ଲିଖିତ ପ୍ରଥମ ସାମାଜିକ ନାଟକ ହେଉଛି ପ୍ରତିଶୋଧ। ଭାତ, ଅଭିଯାନ, ଚକ୍ରୀ, ରକ୍ତମାଟି, ହରଣଚାଳ ଆଦି ତାଙ୍କର ଶ୍ରେଷ୍ଠ କୃତି ଅନ୍ତର୍ଭୁକ୍ତ। ମୁଖ୍ୟତଃ ନାଟକକୁ ସମ୍ବଳ କରି ସେ ପେଟ ପୋଷୁଥିଲେ। ଓଡ଼ିଆ ଜାତିକୁ ଅନେକ କିଛି ଦେଇ ମଧ ଶେଷ ଜୀବନରେ ବହୁ କଷ୍ଟ ଭୋଗିଥିଲେ। ପତ୍ନୀଙ୍କ ଦେହାନ୍ତ ପରେ ଏକରକମ ନିଃସଙ୍ଗ ଜୀବନ ବଞ୍ଚିଥିଲେ। ନଟବର ଖୁଣ୍ଟିଆଙ୍କ ଦ୍ୱାରା ସଂପାଦିତ ବିଂଶ ଶତାବ୍ଦୀର ବିଂଶ ଓଡ଼ିଆ ପୁସ୍ତକରେ ସ୍ଥାନିତ ଡ.ବାବାଜୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଅନୁଯାୟୀ ୧୯୭୮ ଜୁଲାଇ ୨୪ ତାରିଖ ଦିନରେ କବିଚନ୍ଦ୍ରଙ୍କର ପରଲୋକ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

# ‘ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି’

## ତପନ କୁମାର ପତି

ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତି ପିଲାମାନଙ୍କ ପାଇଁ ତାଙ୍କ ପିତାମାତା ସ୍ୱତନ୍ତ୍ର ଥାଆନ୍ତି। ସେମାନଙ୍କର ଉତ୍ସର୍ଗୀକୃତ ଭଲ ପାଇବା, ତ୍ୟାଗ, ସରଳ ଜୀବନ ସବୁ କିଛି ହିଁ ଶ୍ରେଷ୍ଠ ଥାଏ କିନ୍ତୁ ମୋ ବାପା ଥିଲେ ଜଣେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ମଣିଷ। ମୋର ପରମ ପୂଜ୍ୟ ବାପା ଯାହାଙ୍କ ଠାରେ ଅକୁଣ୍ଠିତ ଭାବରେ ପ୍ରାପ୍ତ ହୋଇଛି ମୋତେ ଅକୃତ୍ରିମ ଭଲପାଇବା। ସିଏ ହେଉଛନ୍ତି ମୋ ଜୀବନର ଏପରି ଚରିତ୍ର ଯିଏକି ମୋ ଜୀବନ ପାତ୍ରକୁ ସବୁକିଛିରେ ପୂର୍ଣ୍ଣ କରିଦେଇଛନ୍ତି। ପିତୃ ସୁଲଭ ସୁରକ୍ଷା ଉପଦେଶ ତଥା ମାତୃ ବତ୍ସଳ ମମତା, ଦିଗଦର୍ଶନ, ତ୍ୟାଗ, ଶ୍ରଦ୍ଧା, ପରୋପକାରତା, ସହିଷ୍ଣୁତା ସବୁକିଛି ଏବେ ତାଙ୍କ ଅବର୍ତ୍ତମାନରେ ମନେ ପକାଉଛି। ମର୍ମାନ୍ତିକ ଯନ୍ତ୍ରଣା ଭିତରେ ମୋ ପ୍ରାଣପକ୍ଷୀ ଆର୍ତ୍ତନାଦ କରି ଖୋଜୁଛି ତାଙ୍କର ମଧୁଝରା ସାନ୍ନିଧ୍ୟ ଆଉ ତାଙ୍କ ଆତ୍ମୀୟତାପୂର୍ଣ୍ଣ ଶ୍ରଦ୍ଧେୟ ‘ବାପି’ ଡାକକୁ। ଏକ ଅଶୁଭ ୨୦୨୧ର ଏହି ଶ୍ରାବଣ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ମୋ ବାପା ସର୍ବବୃହତ୍ତ ଯୌଥ ଓ ଖାନଦାନୀ ବୁନିଆଦିରେ ପରିପୂର୍ଣ୍ଣ ‘ପତି’ ପରିବାରର ଜୀବନ ଆକାଶକୁ ତମସାଚ୍ଛନ୍ନ କରି ତାଙ୍କ ସାଧାନୋଚିତ ଧାମକୁ ବାହୁଡ଼ିଗଲେ। ସେ ଥିଲେ ମହାନ କର୍ମଯୋଗୀ। ଶ୍ରୀମଦ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ‘ସୁଖେ ଦୁଃଖେ ସମେ କୃତ୍ୱ ଲାଭାଲାଭୌ ଜୟଜୟଃ। ତତୋ ଯୁଦ୍ଧାୟ ଯୁଜ୍ୟସ୍ତ ନୈବଂ ପାପ ସବାପ୍ସି।।’ ଅର୍ଥାତ୍ ହେ ‘ପାର୍ଥ ସୁଖ ଦୁଃଖ ହାନି ଲାଭ ଜୟ ପରାଜୟକୁ ସମାନ ଜ୍ଞାନ କରି ତୁମେ ଯୁଦ୍ଧରେ ପ୍ରବୃତ୍ତ ହୁଅ, ଏପରି କଲେ ତୁମେ ପାପରେ ଭାଗୀ ହେବନାହିଁ। ଠିକ ଏହିପରି ଚରିତ୍ରର ଥିଲେ ମୋ ପରମ ପିତୃବ୍ୟ ଯିଏ କି କର୍ତ୍ତବ୍ୟ ପଥରୁ ନା ବିଚ୍ୟୁତ ହୋଇଛନ୍ତି ନା ଜୀବନ ଯୁଦ୍ଧରେ ପଛ ଘୁଞ୍ଚା ଦେଇଛନ୍ତି।

ସ୍ମରଣୀୟ ପବିତ୍ର ଅକ୍ଷୟ ତୃତିୟା ମୋର ପୂଜାସ୍ପଦ ସ୍ୱର୍ଗତଃ ଜେଜେବାପା ଓ ଜେଜେମାଆଙ୍କ କୋଳମଣ୍ଡନ କରି ସ୍ୱର୍ଗତଃ ପିତା ରବୀନ୍ଦ୍ର କିଶୋର ପତି ତମାମ ପରିବାରକୁ ଆନନ୍ଦ ଉଲ୍ଲାସରେ ପୂରଣ କରିଦେଇଥିଲେ। ମୋ ପିତା ତାଙ୍କ ପିତାଙ୍କ ଠାରୁ ପ୍ରାପ୍ତ ହୋଇଥିବା କର୍ତ୍ତବ୍ୟନିଷ୍ଠା ଓ ଜୀବନର ବ୍ରତକୁ କେବେ ବି ତିଳେ ମାତ୍ର ତଳେ ପକାଇ ଦେଇନାହାଁନ୍ତି। ଜଣେ ମେଧାବୀ ଛାତ୍ର ଭାବରେ କଠୋର ଅଧ୍ୟବସାୟ ବଳରେ ସେ କେନ୍ଦ୍ର ସରକାରଙ୍କ ଆୟକର ବିଭାଗରେ ସେ ନିଜ କର୍ତ୍ତବ୍ୟନିଷ୍ଠା ପ୍ରମାଣିତ କରିଥିଲେ। ଘରର ବଡ଼ପୁଅ ହିସାବରେ ଗୁରୁଜନଙ୍କ ଠାରୁ ସାନଜନ ସମସ୍ତଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ସମ୍ପାଦନରେ ସେ ସାମାନ୍ୟ ତ୍ରୁଟି କରିନାହାଁନ୍ତି। ଓଡ଼ିଆ ରୀତିନୀତି, ହିନ୍ଦୁ ଆଚାର ବିଚାର ସର୍ବୋପରି କୌଳିକ ପ୍ରଥା ପରମ୍ପରା ସବୁକିଛିକୁ ସିଏ ପରିପାଳନ କରିଛନ୍ତି। ଶିକ୍ଷକ ହିସାବରେ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଆୟକର ବିଭାଗର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବରେ ଆଗାମୀ ପିଢ଼ି ପାଇଁ ସେ ରଖି ଯାଇଛନ୍ତି ସୁକର୍ତ୍ତବ୍ୟନିଷ୍ଠାର ଏପରି ଆଇନା ଯାହା ଆଗନ୍ତ ପିଢ଼ି ପାଇଁ ସାଧୁତା, କର୍ତ୍ତବ୍ୟନିଷ୍ଠତା ଓ ସରଳତାର ଯୁଗ ଯୁଗ ପାଇଁ ଆଲୋକ ଦେଖାଇବ। ଜୀବନ ଯୌବନରେ ତାଙ୍କ ଅଭିନୟ ନୈପୁଣ୍ୟ ଲେଖୁଥିବା ବହୁ କବିତା ତାଙ୍କ ସାରସ୍ୱତ ସାଧନାର ସମୁଜ୍ଜଳ ସ୍ୱାକ୍ଷର ବହନ କରେ। ଜଣେ ସ୍ୱାଭିମାନୀ ମଣିଷ, ଦରଦୀ ହୃଦୟର ବନ୍ଧୁ, ନିରହଙ୍କାର ନମ୍ର ସ୍ୱାଭିମାନ ସର୍ବୋପରି ସରଳ ଜୀବନଚର୍ଯ୍ୟା ହେଉଛି ତାଙ୍କ ଅମାପ ବ୍ୟକ୍ତିତ୍ୱର ଗୋଟିଏ ଛୋଟିଆ ପରିପ୍ରକାଶ। ଅନେକ କର୍ତ୍ତବ୍ୟନିଷ୍ଠାର ବୋଝ ଭିତରେ ନିଜର ବ୍ୟକ୍ତି ସ୍ୱାର୍ଥ ବା ପରିବାରର ସ୍ୱାର୍ଥକୁ ସେ ତିଳେମାତ୍ର ଦେଖିନାହାଁନ୍ତି। ଅନୁଜ ଭାଇ ଜିତେନ୍ଦ୍ର, ଶୈଳେନ୍ଦ୍ର ଓ ଭଉଣୀ ମାନଙ୍କର ପାଠପଢ଼ା ଠାରୁ ଘର ସଂସାରର ସମସ୍ତ ଜୀବନକୁ ସେ ସୁମ୍ପାଦନା କରି ନିଜେ କେବେ ମହାମହିମ ହେବା ପାଇଁ ଚେଷ୍ଟା କରିନାହାଁନ୍ତି। ମୋ ବୋଉ ଅନ୍ନପୂର୍ଣ୍ଣା ସହ ତାଙ୍କର ପାଣିଗ୍ରହଣ ପରେ ଆମେ ତିନି ଭାଇ ଭଉଣୀ ଥିଲୁ ଆଶୀର୍ବାଦର ଫଳ। ମୋ ଦି ଭଉଣୀ ରୀତା ଓ ମୀତା ନିଜ ସାଂସାରିକ ଜୀବନରେ ବେଶ ପ୍ରତିଷ୍ଠିତ ଓ ଖୁବ ଆନନ୍ଦରେ ଅଛନ୍ତି। ବାପାଙ୍କ କର୍ମମୟ ଜୀବନ ଭିତରେ ଓଡ଼ିଶାର ବିଭିନ୍ନ ଜିଲ୍ଲା କଟକ ଠାରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କେନ୍ଦୁଝର, ଭୁବନେଶ୍ୱରରୁ ଖୋର୍ଦ୍ଧା ଯେଉଁଠି ସେ ରହିଥିଲେ ସବୁଠି ନିଜ ବ୍ୟକ୍ତିନିଷ୍ଠା, ପରୋପକାରତା, ବନ୍ଧୁବତ୍ସଳତା ଓ ଅତିଥି ପରାୟଣତାର ନିର୍ଜୀବ ଜୀବନ ସ୍ପନ୍ଦର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ଜଣେ ପଦସ୍ଥ ଅଫିସର ଭାବରେ କଟକରେ ଅବସ୍ଥାପିତ ହୋଇ କର୍ମକ୍ଷେତ୍ରରୁ ଅବସର ନେଲା ପରେ ନିଜ ଗାଁ ମାଟି ମୂଳକକୁ ଭୁଲି ନପାରି ଛୁଟି ଯାଇଥିଲେ ସେହି ପିଲା ଦିନର ସ୍ମୃତି କ୍ଷେତ୍ରକୁ। ଗ୍ରାମରେ ଥିବା ପୁରୁଣା ଠାକୁର ଘରକୁ ଭାଙ୍ଗି ସେଠାରେ ସେ ସୃଷ୍ଟି କରିଥିଲେ ଏକ ସୁନ୍ଦର ଜଗନ୍ନାଥ ମନ୍ଦିର। ଜଣେ ଜଗନ୍ନାଥପ୍ରେମୀ ଭାବରେ କୋଟି କୈବଲ୍ୟନାଥ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ନିଜକୁ ହଜାଇ ଦେଇ ଗ୍ରାମରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି କରିଥିଲେ। ଆଜିର ବ୍ୟସ୍ତ ବହୁଳ କର୍ମଚାପର ଜୀବନ ଭିତରେ ଅନେକ ସମୟରେ ଖୋଜିଥାଏ ବାପାଙ୍କୁ କିନ୍ତୁ ସେ ଯେଉଁ ଅଫେରା ପଥରେ ରହିଛନ୍ତି ସେଠାରୁ ତାଙ୍କ ମମତାର ଆଶୀର୍ବାଦ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛି।

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - ‘ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।’ ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ମୋ ପରମ ପୂଜ୍ୟ ପିତୃଦେବ। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସମାଜ ସେବା ଓ କର୍ମ ଚେତନାକୁ ବ୍ରତ କରିବା ସହ ଜଗନ୍ନାଥଙ୍କ ଚେତନା ଓ ବାଣୀକୁ ସେ ପ୍ରଚାର ପ୍ରସାର କରୁଥିଲେ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ମୋ ବାପାଙ୍କ ପରି ଆଧ୍ୟାତ୍ମିକ, କର୍ତ୍ତବ୍ୟନିଷ୍ଠାର ମୂଲ୍ୟବୋଧ, ଜୀବନ ଶିକ୍ଷା ଏସବୁକୁ ଏକ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - ‘କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।’

କୁଣ୍ଡି, କୁମୁଡା ଜୟପୁର, କଟକ, ଦୂରଭାଷ : ୯୧୧୪୧୪୧୩୦୦

# ସ୍ତନ୍ୟପାନ, ଶିଶୁ ପାଇଁ ବରଦାନ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆଜକୁ ୩ ହଜାର ବର୍ଷ ପୂର୍ବେ ମହର୍ଷି ଚରକ କହିଥିଲେ - ‘ଜୀବନଂ ବୃହଣଂ ସାତ୍ମଂ ସ୍ନେହନଂ, ମାନୁଷଂପୟଃ। ନାବନଂ ରକ୍ତପିତ୍ତସ୍ୟ ତର୍ପଣଂ, ଚାକ୍ଷିରୋଗିଣାମ୍।’ ଅର୍ଥାତ୍ ଏହା ପ୍ରାଣ ରକ୍ଷାକାରୀ, ସମସ୍ତ ଧାତୁର ପୋଷକ, ପ୍ରତିକ୍ରିୟା ବିହୀନ ଓ ସୌମ୍ୟ ଗୁଣବର୍ଦ୍ଧକ। ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ବିଷୟରେ ସଚେତନ କରାଇବା ଲାଗି ୧୯୯୧ ଫେବୃଆରୀ ୧୪ରେ ୱାର୍ଲ୍ଡ ଆଲିଆନ୍ସ ଫର ବ୍ରେଷ୍ଟ ଫିଡ଼ିଂ ଆକ୍ସନ ପ୍ରତିଷ୍ଠା କରାଯାଇଥିଲା। ୧୯୯୨ରୁ ଅଗଷ୍ଟ ପ୍ରଥମ ସପ୍ତାହକୁ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇଥିଲା। ଜାତିସଂଘର ୟୁନିସେଫ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଇଥିଲା। ସେବେଠୁ ପ୍ରତିବର୍ଷ ଏହି ସପ୍ତାହ ପାଳନ କରାଯାଉଛି ଏବଂ ସ୍ଲୋଗାନ ଘୋଷଣା କରାଯାଉଛି। ଚଳିତ ବର୍ଷ ଏହାର ସ୍ଲୋଗାନ ହେଉଛି - ‘ପ୍ରତିବନ୍ଧକକୁ ଦୂର କରିବା : ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେବା’(‘ଉକ୍ଷକ୍ଷ୍ଟସଭଶ ଖ୍ଷର ଶବକ୍ଷ୍: ଈକ୍ଷରବଖ୍ପଲରରୟସଭଶ ଖ୍କ୍ଷକ୍ଷ୍ଟକ୍ଷ୍ଟକ୍ଷ ଲକ୍ଷ୍କ ବକ୍ଷକ୍ଷ.’)।

ଓଡ଼ିଶାରେ ଜନ୍ମ ନେଉଥିବା ଶିଶୁମାନେ ସେମାନଙ୍କ ପ୍ରାଥମିକ ପ୍ରଥମ ଘଣ୍ଟା ଭିତରେ ୬୮.୫% ଶିଶୁ ସ୍ତନ୍ୟପାନ କରନ୍ତି ଯାହା ଜାତୀୟ ହାର ୪୧.୮% ଠାରୁ ମଧ ଅଧିକ। ସେହିଭଳି ପ୍ରଥମ ଛଅ ମାସରେ ନବଜାତ ଶିଶୁକୁ ସ୍ୱତନ୍ତ୍ର ସ୍ତନ୍ୟପାନ କରାଇବାରେ ମଧ ଓଡ଼ିଶା ଜାତୀୟ ହାର ଠାରୁ ଅନେକ ଆଗରେ। ସୂଚନାଥାଉକି ଜାତୀୟ ହାର ୬୩.୭% ରହିଥିବାବେଳେ ଓଡ଼ିଶାରେ ଏହି ହାର ୭୨.୯%। ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ ପକ୍ଷରୁ ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ-୫ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ସ୍ୱତନ୍ତ୍ର ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ସଚେତନ ବୃଦ୍ଧି କରିବା ସହ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ସ୍ତନ୍ୟପାନ କରାଇବା ପାଇଁ ମାଆଙ୍କ ପ୍ରୋତ୍ସାହନ, ସୁରକ୍ଷା ଓ ସମର୍ଥନ ଦିଆଯାଉଛି।

ଅନେକ ହୁଏତ ଜାଣିନଥିବେ ମା’କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ କିଛି ନାହିଁ। ମା’କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା’ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା’କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ଏଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସପ୍ତାହେ ବ୍ୟାପୀ ମହିଳାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସଚେତନ କରାଯାଏ। ପିଲାଟିଏ ଜନ୍ମ ହେବାର ଏକ ଘଣ୍ଟା ମଧରେ ତାକୁ ମା’କ୍ଷୀର ଦେବା ଉଚିତ। ଏହା ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ୬ମାସରୁ ୨ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିମନ୍ତେ ଡାକ୍ତର ମତ ଦିଅନ୍ତି। ୧୯୯୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରଥମ ଥର ପାଇଁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭୯ଟି ଦେଶରେ ଏହି ଦିବସ ପାଳନ କରାଯାଉଛି।

ବିଶ୍ୱର ଏକ ତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁଁ ପାଞ୍ଚ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି। ସନ୍ତାନ ପ୍ରସବ ହେବାର ଏକ ଘଣ୍ଟା ମଧରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ। କିନ୍ତୁ ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି। ଏଥିଯୋଗୁଁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି। ବିଶେଷକରି ଆଦିବାସୀ ଅଧୁଷିତ ଅଞ୍ଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି ଅଧିକ ସଚେତନ ହୋଇଛନ୍ତି। ପ୍ରସବ ପରର ପ୍ରଥମ ଦୁଗ୍ଧପାନ କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା’ ହୋଇଥିବା ମହିଳା ମାନଙ୍କ ମଧରେ ସଚେତନତା ବୃଦ୍ଧିପାଇଛି। ଚାଇଲ୍ଡ ରାଇଟସ୍ ଆଣ୍ଡ ୟୁ ଓ ଭଏସ୍ ଫର ଚାଇଲ୍ଡ ରାଇଟସ୍ ଇନ ଓଡ଼ିଶା ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ କୋଲୋଷ୍ଟ୍ରମ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ ଇଣ୍ଟରାକ୍ଟିଭ ଭଏସ ରେକର୍ଡ଼ ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ ପାନ କରାଇଥାନ୍ତି। ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା



ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି। ଅନୁନ୍ନତ ତଥା ଅବିକଶିତ ଅଞ୍ଚଳରେ ମଧ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ସେମାନଙ୍କ ମଧରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲରେ ପ୍ରସବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି। ତେବେ ପାଖାପାଖି୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି। ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ ପାନ କରାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି।

ଅନ୍ୟ ପକ୍ଷରେ ୨୦୧୮-୧୯ରେ ନ୍ୟାସନାଲ ଫ୍ୟାମିଲି ହେଲ୍ଥ ସର୍ଭେ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛି ଘଣ୍ଟା ଭିତରେ ସ୍ତନ୍ୟପାନ କରାଯାଏ। ତେବେ ଏହି ଆଇଭିଆର ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍‌ସେଲିଂ, ମା’ଗୃହରେ ଏଏନଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି। ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ପ୍ରୋଗ୍ରାମ ହେଡ୍ ପକ୍ଷରୁ ସୂଚନା ଦିଆଯାଇଛି।

କୋଲୋଷ୍ଟ୍ରମରେ କେବଳ ପ୍ରୋଟିନ, ଭିଟାମିନ ‘ଏ’ କିମ୍ବା ସୋଡିୟମ କ୍ଲୋରାଇଡ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ କମ୍ ଥାଏ। ମା’କ୍ଷୀରକୁ ମୃତ୍ୟୁ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏ ନେଇ ସଚେତନତା ବଢ଼ିବା ସହ ସରକାରଙ୍କ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସହାୟତା ନେବା ସବୁଠାରୁ ବାଞ୍ଛନୀୟ।

ମା’କ୍ଷୀର ଶିଶୁ ପାଇଁ ପୋଷଣର ପ୍ରଥମ ଉତ୍ସ। ମା’କ୍ଷୀରରେ ସୁରକ୍ଷାମୂଳକ ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଏହା ନବଜାତକୁ ଅନେକ ରୋଗରୁ ରକ୍ଷା କରିବାରେ ବଡ଼ ସହାୟକ ହୋଇଥାଏ। ସ୍ତନ୍ୟପାନ ଉଭୟ ମାଆ ଓ ଶିଶୁଙ୍କ ପାଇଁ କେବଳ ଲାଭଦାୟକ ନୁହେଁ ଏହା ସେମାନଙ୍କ ଆଜୀବନ ସ୍ୱାସ୍ଥ୍ୟ ବିକାଶକୁ ପ୍ରୋତ୍ସାହିତ କରିଥାଏ। ଜନ୍ମର ପ୍ରଥମ ଘଣ୍ଟା ମଧରେ ନବଜାତକଙ୍କୁ ସ୍ତନ୍ୟପାନ ଓ ଜନ୍ମର ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଯିବା ଉଚିତ। ଏହି ସମୟ ଭିତରେ ଅନ୍ୟ କୌଣସି ଖାଦ୍ୟ କିମ୍ବା ତରଳ ପଦାର୍ଥ ଦେବାକଥା ନୁହେଁ। ସରକାର ୧୨ଟି ବେବି ଫ୍ରେଣ୍ଡଲି ଇନିସିଏଟିଭ (ବିଏଫଏଚଆର) ପ୍ରମାଣିତ ଡାକ୍ତରଖାନା, ଦୁଇଟି ଡାକ୍ତରଖାନାରେ ସମ୍ପୂର୍ଣ୍ଣ ସ୍ତନ୍ୟପାନ ବ୍ୟବସ୍ଥାପନ କେନ୍ଦ୍ର, ୧୮ଟି ସ୍ଥାନରେ ସ୍ତନ୍ୟପାନ ପରିଚାଳନା ୟୁନିଟ ଓ କଙ୍ଗାରୁ ମଦର୍ସ କେୟାର ମାଧ୍ୟମରେ ମାଆ ଶିଶୁଙ୍କ ଶାରୀରିକ ସ୍ପର୍ଶକୁ ପ୍ରୋତ୍ସାହନ କରି ସ୍ତନ୍ୟପାନକୁ ସମର୍ଥନ ଦେଉଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୩୧ଟି ଶିଶୁ ଓ କିଶୋର ପୋଷଣ ପରାମର୍ଶ କେନ୍ଦ୍ର ସ୍ଥାପନ ହୋଇଛି। ମାଆ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଆଇୱାଇସିଏଫ ଅଞ୍ଚଳରେ ମେଡ଼ିକାଲ ଅଫିସର, ଷ୍ଟାଫନର୍ସ, ଏଏନଏମ୍, ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ତାଲିମ ଦିଆଯାଇଛି।

ମା’କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ, କ୍ୟାଲସିୟମ, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି। ତେଣୁ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା’ ଶରୀରରୁ ହ୍ରାସ ପାଉଛି, ଯାହାକୁ ଭରଣା କରିବା ଆବଶ୍ୟକ। ନଚେତ ମା’କୁ ଏସବୁ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଦୈନିକ ଭାଜ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ ଗ୍ରାମ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ, ସୁସ୍ୱାଦୁ ଏବଂ ସୁପାଚ୍ୟ ହେବା ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ସ୍ତନ୍ୟପାନ କରାଇବା ଦ୍ୱାରା ମା’ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା’ଦେହରୁ ଅଯଥା ଚର୍ବି ଅଂଶ ଓ ମୋଟାପଣିଆକୁ କମାଇ ଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା’ର ମସ୍ତିଷ୍କରୁ ଅକ୍ସିଟୋସିନ ହରମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ମା’ର ମେନୋପଜ ଆଗରୁ ସ୍ତନକର୍କଟ ରୋଗ ହେବା ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥିବା ବେଳେ ୭ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ମା’ର ସ୍ତନକର୍କଟ ରୋଗ ହେବା ଆଶଙ୍କା ପ୍ରାୟ ରୁହେନାହିଁ। ତେଣୁ ମା’କୁ ଉଚ୍ଚରକ୍ତ ଚାପ ଓ ହୃଦଘାତ ହେବା ଆଶଙ୍କା ମଧ କମ ଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪

# ସରକାରୀ ଜମିରେ ବେଆଇନ ପ୍ରଧାନମନ୍ତ୍ରୀ ଆବାସ ଘର; ଭାଙ୍ଗିଲା ପ୍ରଶାସନ



**ପାଟଣା,(ମହାଭାରତ) :** ବେଆଇନ ଭାବେ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପଡିଲା ମହଙ୍ଗା ଗ୍ରାମବାସୀ ଙ୍କ ବିରୋଧ ପରେ ପ୍ରଶାସନ ପହଁଞ୍ଚି ଭାଙ୍ଗିଲା । ଏପରି ଘଟଣା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ମୁଷାଖୋରୀ ରାଜସ୍ୱ ନିରକ୍ଷକ ଅନ୍ତର୍ଗତ ମୁଷାଖୋରୀ ଆହାର ବନ୍ଧ ଉପରେ ବେଆଇନ ଭାବେ ନିର୍ମାଣ ହୋଇ ଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ଭଙ୍ଗା । ସୂଚନା ରୁ ପ୍ରକାଶ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ କିଛି ବର୍ଷ ହେବ ମୁଷାଖୋରୀ ଗ୍ରାମ ରୁ ଉଠି ଆସି ଆହାର ବନ୍ଧ ଉପରେ ଏକ ଖପର ଘର ନିର୍ମାଣ କରି ରହିବା ସହ ଶାଳ ଜାଗା ରେ ଖତଗାତ, ନଡା ଗୋଦା ରଖି ଆସୁ ଥିଲେ । କିଛି ବର୍ଷ ହେବ ପୂର୍ଣ୍ଣ ଚନ୍ଦ୍ରଙ୍କ ସ୍ତ୍ରୀ ରଇବାରୀ ମହାନ୍ତ ନାଁ ରେ ଏକ ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଘର ଆସିଥିଲା । ସେ ଆବାସ ଘର ଟି ପୂର୍ଣ୍ଣଚନ୍ଦ୍ର ଆହାର ବନ୍ଧ ଉପରେ ଜାଗା ରେ ନିର୍ମାଣ କରୁଥିବା ବେଳେ ଗ୍ରାମବାସୀ ମାନେ ଶାଳ ଜାଗାରେ ଘର ନିର୍ମାଣ କୁ ବିରୋଧ କରିଥିଲେ । ଯେଉଁ ଜାଗା ଟି ମହାନ୍ତ ସମ୍ପ୍ରଦାୟର ମାନଙ୍କ ଠାକୁରାଣୀ ଶାଳ ରହିଥିବା ବେଳେ ଗ୍ରାମବାସୀ ମାନେ ବର୍ଷ କୁ ବର୍ଷ ପୂଜାର୍ଚ୍ଚନା କରିବାକୁ ଆସିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଙ୍କ ପରିବାର ଲୋକେ ଗ୍ରାମବାସୀ ଙ୍କୁ ଶାଳ କୁ ବାଟ ରେ ଯିବା କୁ ବାରଣ କରିବା ଗ୍ରାମବାସୀ ସହନ ନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ କୁ ଗ୍ରାମବାସୀ ବିରୋଧ କରିବାକୁ ସତ୍ୱେ ପୂର୍ଣ୍ଣଚନ୍ଦ୍ର କୌଣସି କର୍ଣପାତ ନ କରି ଘର ନିର୍ମାଣ କରିଚାଲି ଥିଲେ । ଏନେଇ ଗ୍ରାମବାସୀ ପାଟଣା ତହସିଲଦାର ଲୀଳାବତୀ ନାୟକ ଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ପାଟଣା ତହସିଲଦାର କାରଣ ଦର୍ଶାଅ ନୋଟିସ କରିବା ପରେ ପୂର୍ଣ୍ଣଚନ୍ଦ୍ର ତହସିଦାର ଙ୍କ ନୋଟିସ ର କୌଣସି ଉତ୍ତର ରଖି ନ ଥିବା ବେଳେ ଶୁକ୍ରବାର ଦିନ ପାଟଣା ତହସିଲଦାର ଲୀଳାବତୀ ନାୟକ,ସୁପରଭାଇଜର ବନମାଳୀ ନାୟକ, ପାଟଣା ଥାନା ଅତିରିକ୍ତ ଅଧିକାରୀ ନୂଆସ ଲୁଗୁନ, ମୁଷାଖୋରୀ ରାଜ୍ୟସ୍ୱ ନିରୀକ୍ଷକ ରଞ୍ଜିତା ଜେନା ତଥା ମୁଷାଖୋରୀ ଗ୍ରାମବାସୀଙ୍କ ଉପସ୍ଥିତି ରେ ସରକାରୀ ଜମି ରେ ବେଆଇନ ଭାବେ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣକୁ ଭଙ୍ଗା ଯାଇଥିଲା ।

### ମୌଳିକ ସୁବିଧାରୁ ଏବେବି ବଞ୍ଚିତ

# ପ୍ରସବ ପରେ ଆଖି ବୁଜିଲେ ଶିଶୁ ପୁତ୍ର

**ରାଇରଙ୍ଗପୁର,(ମହାଭାରତ) :** ଦେଶ ସ୍ୱାଧୀନତାର ୭୬ବର୍ଷ ପରେ ମଧ ଏବେବି ରାଜ୍ୟର ଅନେକ ଗ୍ରାମ ରହିଛି ଯେଉଁଠି ରାସ୍ତା, ଶିକ୍ଷା,ଆଲୋକ ଓ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ଏବେବି ସେହିପରି ଗାଁ ମାନଙ୍କରେ ସାଧାରଣ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ସହିତ ସଠିକ ସମୟରେ ସ୍ୱାସ୍ଥ୍ୟସେବା ନପାଇ ସେମାନଙ୍କର ଜିବନ ଚାଲିଯାଉଥିବା ଦେଖିବାକୁ ମିଳିଛି । ସେମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଖଡମବେଡା ପଞ୍ଚାୟତ ଅଧୀନ ହେଦ୍ଦେବାବୁରୁଡି ଗ୍ରାମରୁ। ସୂଚନାଯୋଗ୍ୟ ଯେ ସେହିଗ୍ରାମର ଦୂର୍ଗା ହେମ୍ବ୍ରମଙ୍କ ପତ୍ନୀଙ୍କୁ ପ୍ରସବ ବେଦନା ହୋଇଥିଲା ଫଳରେ ପରିବାର ବର୍ଗ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଖବର ପାଇ ଆମ୍ବୁଲାନ୍ସ ଯାଇଥିଲା ହେଲେ ଦୁଃଖର ବିଷୟ ଗାଁ ରାସ୍ତା ଖରାପ୍ ଥିବା ଯୋଗୁଁ ଘର ପାଖକୁ ଆମ୍ବୁଲାନ୍ସ ଯାଇପାରି ନଥିଲା ତେଣୁ ପ୍ରସବ ଯନ୍ତ୍ରଣାରେ ଛଟପୋଟ ହେଉଥିବା ଦୁର୍ଗାଙ୍କ ପତ୍ନୀଙ୍କୁ ଖଟିଆରେ ବୁହି ଆମ୍ବୁଲାନ୍ସ ପାଖକୁ ଆଣୁଥିଲେ ଗ୍ରାମବାସୀ । ଖଟରେ ବୁହି ଆଣୁଥିବା ସମୟରେ ଆମ୍ବୁଲାନ୍ସ



ପାଖକୁ ପହଞ୍ଚିବା ପୂର୍ବରୁ ରାସ୍ତାରେ ହିଁ ମାଁ ଜଣକ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପରେ ଉଭୟ ମାଁ ଓ ଶିଶୁ ପୁତ୍ରଟିକୁ ଆମ୍ବୁଲାନ୍ସ ସାହାଯ୍ୟରେ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଲେ ଦୁଃଖର ବିଷୟ ଡାକ୍ତର ଶିଶୁଟିର ମୃତ୍ୟୁ ହୋଇଥିବା ନେଇ ପରିବାର ସଦସ୍ୟଙ୍କୁ କହିଥିଲେ । ଶିଶୁଟିର ମୃତ୍ୟୁ ହୋଇଥିବା ଶୁଣିବା ପରେ ପରିବାର ବର୍ଗ ସହିତ ପିତା ମାତା ଦୁଃଖରେ ଭାଙ୍ଗିପଡିଥିବା ବେଳେ ଗାଁକୁ ରାସ୍ତାଟିକ୍ ଥିଲେ ହୁଏତ ଆଜି ତାଙ୍କର ଶିଶୁଟି ତାଙ୍କ ପରିବାରର ସଦସ୍ୟଭାବରେ ରହିଥାନ୍ତେ ବୋଲି କହିବା ସହିତ ଆଗକୁ ଯେପରି କାହାରି ଏମିତି ଅସୁବିଧା ନହୁଏ ସେଥିପାଇଁ ସରକାରଙ୍କୁ ରାସ୍ତାର ଉନ୍ନତିକରଣ ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳିଛି । ଏହି ଗ୍ରାମର ବିଭିନ୍ନ ଅସୁବିଧା ନେଇ ଏଠିକାର ଜନସାଧାରଣ ବିଭିନ୍ନ ସମୟରେ ଗ୍ରାମର ମୌଳିକ ସୁବିଧା ପାଇଁ ଆନ୍ଦୋଳନ ସହିତ ଅନୁରୋଧ କରିଥିଲେ ମଧ ଏ ପର୍ଯ୍ୟନ୍ତ ଏହି ଗ୍ରାମକୁ କୌଣସି ସୁବିଧା ଯୋଗାଇ ନଦେବା ଚିନ୍ତାର ବିଷୟ ହୋଇଛି ।

# ଆୟୁର୍ବେଦ ଡାକ୍ତରଖାନା ପାଲଟିଛି ମଦୁଆଙ୍କ ଆଡସ୍ଥଳୀ



**ଖଡ଼ିଆଲ,(ମହାଭାରତ) :** ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିଜେପୁର ଆୟୁର୍ବେଦ ସରକାରୀ ଡାକ୍ତର ଖାନା କିଛି ଅସାମାଜିକ ଯୁବକ ଙ୍କ ଆଡ୍ଡାସ୍ଥଳି ରେ ପରିଣତ ହୋଇଯାଇଛି, ଏହି ଆୟୁର୍ବେଦ ଡାକ୍ତର ଖାନା ନିରୀହ ଲୋକଙ୍କ ପାଇଁ ମାଗଣା ରେ ଚିକିତ୍ସା ସହ ଔଷଧ ବିତରଣ କରିବା ର ସେବା ଯୋଗାଇ ଦେଇ ଆସୁଛି । ଏହି ଡାକ୍ତରଖାନା କେବେଳ ବିଜେପୁର ନୁହଁ ଆଖପାଖ ଅଞ୍ଚଳର ଶହ ଶହ ନିରୀହ ଲୋକ ମାନେ ହସପିଟାଲ ଉପରେ ନିର୍ଭର କରିଥାନ୍ତି ହେଲେ ଏହି ଡାକ୍ତର ଖାନା ବାରଣ୍ଡା ରେ ବିଶେଷକରି ହସପିଟାଲ ବନ୍ଦ ସମୟ ପରେ ଅର୍ଥାତ ସନ୍ଧ୍ୟା ଓ ରାତ୍ରି ସମୟ ରେ ବିଜେପୁର ତଥା ଆଖ ପାଖ ଅଂଚଲ କିଛି ଯୁବକ ମାନେ ଡାକ୍ତରଖାନା ବାରଣ୍ଡା ରେ ମଦ ସେବନ କରୁଥିବାବେଳେ ମଦ ଚାଖନା କୁରକୁରେ, ମଦ ବୋତଲ, ମଦ ପାଉଚ, ବିୟର ବୋତଲ, ପାଣି ପାଉଚ, ଜରି ଫୋପାଡି ପରିବେଶ କୁ ଦୁଷିତ କରୁଛନ୍ତି,ଏହା ବ୍ୟତିତ ପାନ, ଗୁଟୁକା ଖାଇ ଛେପ ପକାଇବାସହ ହସପିଟାଲ ପରିସରକୁ କୁ ଦୁଷିତ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ତଥା ବିଭିନ୍ନ ଗ୍ରାମରୁ ଆସୁଥିବା ରୋଗୀ ମାନେ ଅସୁବିଧା ର ସମ୍ମୁଖିନ ହେବା ସହ ଡାକ୍ତର ବାବୁଙ୍କୁ ହସପିଟାଲ ଚଲାଇବା ରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ବୁଦ୍ଧିଜୀବୀ ମାନେ କହିଛନ୍ତି । ଅସାମାଜିକ ଯୁବକ ମାନଙ୍କୁ ହସପିଟାଲ ପରିସର ରେ ନ ବସିବା ପାଇଁ ବାରମ୍ବାର ମନା କରିବା ସହ ବୁଝାଇ ଆସୁଥିଲେ ହେଁ କୌଣସି ଫଳ ପ୍ରଦ ହେଉ ନାହି ତେଣୁ ପୋଲିସ ପ୍ରଶାସନ ଏଥି ପ୍ରତି ପଦକ୍ଷେପ ଗ୍ରହଣ କରିବା ସହ ରାତ୍ରି ସମୟ ରେ ନାଇଟ ପେଟ୍ରୋଲିଂ କରି ଅସାମାଜିକ ଯୁବକ ମାନଙ୍କ ବିରୁଦ୍ଧରେ ଦୃଢ କାଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ବିଜେପୁରର ସଚେତନ ନାଗରିକ ମାନେ ଦାବି କରିଛନ୍ତି ।

# ଜୟପାଟଣା ବ୍ଲକ ସଜିଛି ଦୁର୍ନୀତିର ଗନ୍ତା ଘର



**ମୁଖୀ ଗୁଡ଼ା/ଜୟପାଟଣା,(ମହାଭାରତ) :** ଦିନକୁ ଦିନ ଦୁର୍ନୀତିର ସୀମା ଟପି ଯାଉଛି । ଅନେକ ସମୟ ରେ ଭିଜିଲାନ୍ସ ଜାଲରେ ସରକାରୀ ବାବୁ ମାନେ ବନ୍ଧା ପଡୁଛନ୍ତି । ହେଲେ ଦୁର୍ନୀତି କରିବାରେ ନାହିଁ ଡର ଭୟ ସରକାରୀ ବାବୁ ମାନଙ୍କୁ । ଏହି ପରି ଅନେକ ଦୁର୍ନୀତି ରେ ଲିପ୍ତ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଦୁର୍ନୀତି ର ଏନ୍ତୁଡ଼ିଶାଳ ପାଲଟିଛି ବୋଲି ସାଧାରଣ ଜନତାଙ୍କ ଅଭିଯୋଗ ଯେ ସରକାର ଜନତାଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ଲକ୍ ଠୁ ଗ୍ରାମ ପଞ୍ଚାୟତ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି । ସତ ହେଲେ ଏହି ବ୍ଲକ ର ଛୋଟ ସରକାରୀ କର୍ମଚାରୀ ଠୁ ବଡ ସରକାରୀ କର୍ମଚାରୀ ବାବୁ ମାନେ ଦୁର୍ନୀତି ର ବାସ୍ନା ରେ ଟଙ୍କା ଆତ୍ମସାତ କରି ପକେଟ୍ ଗରମ କରିବାର ତରିକା ଆପଣାଇଛନ୍ତି । ବ୍ଲକ ସରକାରୀ ବାବୁ ମାନେ ଦୁର୍ନୀତି କରିବାରେ ନଂ -୧ । ମନରେଗା ଯୋଜନାରେ କୋଟି କୋଟି ଟଙ୍କା ହରିଲୁଟ୍ କରାଯାଇଥିବାବେଳେ ମିଥ୍ୟା ଶ୍ରମିକ, ଦସ୍ତଖତ,ଶ୍ରମିକ ବଦଳ ରେ ଜେ ସି ବି ଗାଡ଼ି କାମ ରେ ଦର୍ଶାଇ ମଷ୍ଟର ରୋଲ ତିଆରି କରି ଜନତାଙ୍କ ଅର୍ଥକୁ ଚଲୁ କରାଯାଇଛି । ଜୟପାଟଣା ବ୍ଲକ ଅଧିନ ରେ ଯାଉଥିବା ୨୨ ଗୋଟି ଗ୍ରାମପଞ୍ଚାୟତ ର ମନରେଗା ବିପୁଳ ଅର୍ଥ ଚଲୁ କରାଯାଇଅଛି । ପଞ୍ଚାୟତ ଦାୟୀତ୍ୱରେ ଥିବା ଜିଆରଏସ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମିଳିତ ମଧୁଚନ୍ଦ୍ରିକାରେ ଏହି ସବୁ ଦୁର୍ନୀତି ବଢି ଚାଲିଥିବା ମଧ ସଧାରଣ ଜନତା ଅଭିଯୋଗ ଆଣିଛନ୍ତି ।ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରିବା ସହ ଦୁର୍ନିତି ଖୋର୍ କର୍ମଚାରୀଙ୍କ ଉପରେ କୋଠର କାର୍ଯ୍ୟନୁଷ୍ଠାନ ହେବା ପାଇଁ ଜନ ସାଧାରଣଙ୍କ ଦାବି ।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ନାରାୟଣପାଟଣା,(ମହାଭାରତ) :** ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ଗୋଲଦି ତ୍ରିନାଥ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାଥମିକ ସ୍କୁଲ ଠାରୁ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି । ପ୍ୟାରେଡ ସହିତ ଅନ୍ୟାନ୍ୟ ଦିଗ ଉପରେ ପଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା ।ବିଗତ ବର୍ଷ ମାନଙ୍କରେ ନାରାୟଣପାଟଣା ବ୍ଲକ ସ୍ତରରେ ଆୟୋଜନ ରେ ବହୁତ ବାଧାବିଘ୍ନ ଆସୁଥିବାରୁ ବିଭିନ୍ନ ଅନୁଷ୍ଠାନ ନିଜନିଜ ପରିଧି ଭିତରେ ସ୍ୱାଧୀନତା ଦିବସ ପାଳନ କରୁଥିଲେ ବ୍ଲକ୍ ସ୍ତରରେ ଏକଜୁଟ ହୋଇ ପତକା ଉତ୍ତୋଳନ କରିବାରେ ବଞ୍ଚିତ ହେଉଥିଲେ ସମସ୍ତ ଛାତ୍ର ଛାତ୍ରୀ ଙ୍କ ସହ ଜନସାଧାରଣ ।କିନ୍ତୁ ଚଳିତ ବର୍ଷ ବ୍ଲକ୍ ଅଧ୍ୟକ୍ଷ ଓ ବିଡ଼ିଓଙ୍କ ଇଚ୍ଛା ଶକ୍ତି ପାଇଁ ଚଳିତ ବର୍ଷ ବ୍ଲକ୍ ସ୍ତରୀୟ ସ୍ୱାଧୀନତା ଦିବସ ହାଇ ସ୍କୁଲ୍ ପଡ଼ିଆରେ ଆୟୋଜନ କରାଯିବ ତେଣୁ ବିଭିନ୍ନ ଅନୁଷ୍ଠାନ, ରାଜନୀତିଜ୍ଞ,ସାମଜ ସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମଙ୍କ ସହଯୋଗ ଲୋଡିଥିଲେ ।ସମସ୍ତଙ୍କ ସହଯୋଗରେ ଏକ ଜାଗାରେ ଛୋଟ ବଡ଼ ଏକାଠି ହୋଇ ୭୮ତମ ସ୍ୱାଧିନତା ଦିବସ ପାଳନ କରିବାପାଇଁ ନିଷ୍ପତି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓପିଉଷ କୁମାର ଲୋହର , ଆଇଆଇସି ଶ୍ରୀମତୀ ସୁଷମା କହଁର , ସିଡ଼ିପିଓ ଇନ୍ଦୁମତି ପାଣିଗ୍ରାହୀ, ରମେଶ ଦାସ, ସପନ ସରିତା ତୁରୁକ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ ।

# ପିଲାଙ୍କ ଜଇନିଂ ବେଳେ ପ୍ରଧାନଶିକ୍ଷକ ନେଉଛନ୍ତି ଲାଞ୍ଚ

## ଦୃଢ କାଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି




**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅଧିନରେ ଥିବା ପରମପାଙ୍ଗା ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଲାଗିଲା ସାଂଘାତିକ ଅଭିଯୋଗ ।ରାଜ୍ୟ ସରକାର ଅନୁସୁଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କୁ ପଢିବା ଓ ହଷ୍ଟେଲରେ ରହିବା ,ଖାଇବା ନିମନ୍ତେ ମାଗଣାର ସମସ୍ତ ବ୍ୟବସ୍ଥା କରିଥାନ୍ତି । କିନ୍ତୁ କିଛି ଲୋଭି ପ୍ରଧାନଶିକ୍ଷକ ସରକାରଙ୍କ ଗାଇଡ୍ ଲାଇନକୁ ନମାନି ଫୁ କରି ଦେଇଥିବା ଦେଖିବାକୁ ମିଳିଛି । ଏଭଳି ଅଭିଯୋଗ ଆସିଛି ପରମପାଙ୍ଗା ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ସୁପରିଣ୍ଟେଣ୍ଡ ତଥା ପ୍ରଧାନଶିକ୍ଷକ ଖ୍ରୀଷ୍ଟଦାସ ମାନସେଠଙ୍କ ନାମରେ । ଛାତ୍ରଛାତ୍ରୀମାନେ ଜଇନିଂ ସମୟରେ ପ୍ରଧାନଶିକ୍ଷକ ଖ୍ରୀଷ୍ଟଦାସ ମାନସେଠ୍ ପ୍ରତ୍ୟକ ଛାତ୍ରଛାତ୍ରୀଙ୍କ ଜଇନିଂ ବାବଦକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଇଥିବା ଅଭିଯୋଗ କରିଛନ୍ତି ଅଭିବାଭକ ମାନେ । ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ଠାରୁ ୫୦୦ ଟଙ୍କା ଓ ନବମ,ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଠାରୁ ଜଣକ ପିଛା ୧୦୦୦ଟଙ୍କା ଯୋର ଜବରଦସ୍ତ ଅବିଭାବକ ମାନଙ୍କ ଠାରୁ ମାଗି ନେଇଥିବା ଅଭିଯୋଗ ହୋଇଛି ।ଅବିଭାବକ ମାନେ ପ୍ରାୟ ଦୁର୍ଗମ ଅଞ୍ଚଳ,ଗ୍ରାମାଞ୍ଚଳର ନିରକ୍ଷର, ସରଳ, ଜାତି ଓ ଜନଜାତିର ଲୋକ ହୋଇଥିବା ହେତୁ ସେମାନେ ସରକାରଙ୍କ ନିୟମ ବିଷୟରେ ଅଜ୍ଞ ଥାଆନ୍ତି ନିଜ ପିଲାଙ୍କୁ ହଷ୍ଟେଲରେ ରଖି ପଢାଇବାକୁ ପ୍ରଧାନଶିକ୍ଷକଙ୍କ କଥାକୁ ମାନି ଟଙ୍କା ଦେଇଥାନ୍ତି ।କିଛି ଛାତ୍ରଛାତ୍ରୀଙ୍କ ପିତା,ମାତା ପ୍ରଧାନଶିକ୍ଷକଙ୍କ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ଛାତ୍ରଛାତ୍ରୀଙ୍କ ଦେହଖରାପ ହେଲେ ଦେଖାଇବାକୁ ଆମେ ଛାତ୍ରଛାତ୍ରୀଙ୍କ ପିତା, ମାତାଙ୍କ ଠାରୁ ଏଭଳି ଟଙ୍କା ଆଦାୟ କରାଯାଇଛି ବୋଲି ସରପଞ୍ଚଙ୍କୁ ଉତ୍ତର ରଖିଛନ୍ତି ପ୍ରଧାନଶିକ୍ଷକ ।ପ୍ରଧାନ ଶିକ୍ଷକଙ୍କ ଏଭଳି ମାନସିକତାକୁ ନାପସନ୍ଦ କରିଛନ୍ତି ପରମପାଙ୍ଗା ସରପଞ୍ଚ ।ଗରୀବ ଛାତ୍ରଛାତ୍ରୀ ଙ୍କ ନିମନ୍ତେ ସରକାର ମାଗଣାରେ ସମସ୍ତ ପ୍ରକାରର ବ୍ୟବସ୍ଥା, ସୁବିଧା ଯୋଗାଇଦେଉ ଥିବା ବେଳେ ମେଡିକାଲ ଖର୍ଚ୍ଚ, ଦେହଖରାପ ର ଆଳ ଦେଖାଇ ଗରୀବ ପିଲାଙ୍କ ଠାରୁ ଟଙ୍କା କଲେକ୍ସନ କୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ସରକାର ଓ ପ୍ରଶାସନ ଛାତ୍ରଛାତ୍ରୀ ମାନଙ୍କୁ କୈଣସି ନଦୀ, ପୋଖରୀ, ନାଳକୁ ଗାଧୋଇବା, ସୈଚ ହେବାକୁ ଯିବା ନିମନ୍ତେ ରୋକଠୋକ ମନା କରିଥିବା ବେଳେ ପରମପାଗାଂ ବିଦ୍ୟାଳୟରେ ଦେଖିବାକୁ ମିଳିଛି ତାର ବ୍ୟତିକ୍ରମ ।୨୦ରୁ ଉର୍ଦ୍ଧ ଛାତ୍ର ନିକଟରେ ଥିବା ନାଳରେ ଗାଧୋଇବା, ମାଛ ଧରିବା, ସୈଚ ହେବା ଦେଖିବାକୁ ମିଳିଥିଲା । ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ନଦୀ, ନାଳ ଗୁଡିକରେ ପ୍ରବଳ ପାଣି ର ସ୍ରୋତ ପ୍ରବାହିତ ହେଉଥାଏ । କିନ୍ତୁ ଦାଇତ୍ୱ ରେ ଥିବା ପ୍ରଧାନ ଶିକ୍ଷକ ଏଥିପ୍ରତି ଦୃଷ୍ଟି ନ ଦେବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଯଦି କୌଣସି ଅସାବଧାନତା ବଶତଃ କୈଣସି ପିଲା ପାଣିରେ ଭାସି ଯାଏ କିମ୍ବା ମୃତ୍ୟୁ ବରଣ କରନ୍ତି ସେଥିପାଇଁ କିଏ ଦାୟୀ ରହିବେ । ତେଣୁ ଏଭଳି ଲାଞ୍ଚୁଆ, ଦାଇତ୍ୱ ହିନ ପ୍ରଧାନ ଶିକ୍ଷକଙ୍କ ନାମରେ ଆସିଥିବା ସମସ୍ତ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ତଦନ୍ତ କରି ଉକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଜନସାଧାରଣ ଦାବୀ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜ୍ଞାନ ମେଳା



**ବ୍ୟାସନଗର,(ମହାଭାରତ) :** ଗୁରୁବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମୁଣ୍ଡମାଳ, ବ୍ୟାସନଗର ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ୨୦୨୪-୨୫ ବହୁ ଉଲ୍ଲାସ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଶ୍ରୀଯୁକ୍ତ ସୁକାନ୍ତ କୁମାର ରଥ Head CSR Jindal stainless Ltd, Kalinganagar , Jajpur ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ଶିକ୍ଷାର୍ଥୀ ଭାଇ ଭଉଣୀ ମାନଙ୍କୁ ନିଜର ଓଜସ୍ୱୀ ଭାଷଣ ମାଧ୍ୟମରେ ବିମୁଗ୍ଧ କରିଥିଲେ । ସମ୍ପାଦକ ଶ୍ରୀଯୁକ୍ତ ଦିଲିପ କୁମାର ଜେନା ସ୍ୱାଗତ ଭାଷଣ ଓ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ । ବିଦ୍ୟାଳୟର ପୂର୍ବତନ ସଭାପତି ତଥା ଶିକ୍ଷାବିଦ୍ ଇଂ ଦିଗନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଥିଲେ । ଉପସଭାପତି ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ସେହି ପରି ଉଦ୍ଘାଟନ ଉତ୍ସବରେ ଶ୍ରୀଯୁକ୍ତ ସଂଜୟ କୁମାର ଦେଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ରୋମନଗର ବିଦ୍ୟାପିଠ ତଥା ଶିକ୍ଷାବିତ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଚାରକ ଭାବେ ସୁରେଶ କୁମାର ବେହେରା, ମୃତ୍ୟୁଞ୍ଜୟ ନାୟକ, ବିଦ୍ୟାଧର ପାଢ଼ି, ନୟନ ଦିପ୍ତ ବେହେରା, ମଦନ ମୋହନ ବେହେରା, ସୁରେନ୍ଦ୍ର କୁମାର ବାହାଲିଆ, ଜନାର୍ଦ୍ଦନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ର ବିଜ୍ଞାନ ପ୍ରମୁଖ ନରେନ୍ଦ୍ର କୁମାର ଦାସ ଜ୍ଞାନ ବିଜ୍ଞାନ ମେଳାର ବୃତ୍ତ କଥନ କରିଥିଲେ ।
ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ନିମନ୍ତ୍ରିତ ସମସ୍ତ ଅତିଥି ଅଧିକାରୀ ମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

ଏହି ପ୍ରଦର୍ଶନୀ ମେଳାରେ ବିଦ୍ୟାଳୟ ତରଫରୁ ଗଣିତ ଓ ବିଜ୍ଞାନ ସଂସ୍କୃତି ଜ୍ଞାନ ପତ୍ର ବାଚନ, ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ବିଜ୍ଞାନ ଓ ଗଣିତ ପ୍ରୟୋଗ, ବିଜ୍ଞାନ,ଗଣିତ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ, ଲୋକ କଳା ଯଥା ନୃତ୍ୟ, ବାଦ୍ୟ ତଥା ମୂର୍ତ୍ତି କଳା ସ୍ଥାନ ପାଇଥିଲା । ଏଥିରେ ବିଦ୍ୟାଳୟ ର ୩୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ବିଜ୍ଞାନ ଶିକ୍ଷକ ରାଜକୃଷ୍ଣ ପାଳ, ନିର୍ମଳ ମିଶ୍ର,ସନ୍ତୋଷ ବେହେରା, ଅଜୟ ବେହେରା, ଆଶିଷ କୁମାର ମଲ୍ଲ, ରତିକାନ୍ତ ବାରିକ ଓ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ମାନଙ୍କ ସହଯୋଗ ରେ କାର୍ଯକ୍ରମ ଟି ସୁନ୍ଦର ଭାବରେ ସମ୍ପାଦିତ ହୋଇପାରି ଥିଲା ।

# ଭିଜିଲାନ୍ସ ଜାଲରେ ଗୋଲାମୁଣ୍ଡା ବିଡିଓ

**କଳାହାଣ୍ଡି,(ମହାଭାରତ) :** ଭିଜିଲାନ୍ସ ଜାଲରେ ଗୋଲାମୁଣ୍ଡା ବିଡ଼ିଓ ଅକ୍ଷମିତା କାର୍ତ୍ତିକ । ବିଡ଼ିଓଙ୍କ ଗାଡି ରୁ ୧୦ ଲକ୍ଷ ଟଙ୍କା ଜବତ ସୂଚନା,କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବିଡ଼ିଓ ଅକ୍ଷମିତା କାର୍ତ୍ତିକ ଆଜି ଭବାନୀପାଟଣା ରୁ ମିଟିଂ ସାରି ଗୋଲାମୁଣ୍ଡା ଫେରୁଥିବା ସମୟରେ ଜୟପୁର ଭିଜିଲାନ୍ସର ଏକ ଟିମ କୌଣସି ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ୨୬ ଜାରିଂ ନିକଟରେ ବିଡ଼ିଓଙ୍କ ଗାଡିକୁ ଅଟକାଇ ଭିଜିଲାନ୍ସ ଅଧିକାରୀ ମାନେ ଯାଞ୍ଚ କରିବାରୁ ଗାଡି ରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି । ତେବେ ଜବତ ଟଙ୍କା ବିଷୟରେ କୌଣସି ସନ୍ତୋଷଜନକ ଉତ୍ତର ବିଡ଼ିଓ ଦେଇ ପାରିନଥିବା ବେଳେ ତଦନ୍ତ ଜାରି ରହିଛି ।ବିଡ଼ିଓ ମହାଶୟା ପୂର୍ବରୁ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ରେ କୋଭିଡ ଟଙ୍କା ଆତ୍ମସାତ କରି ନିଲମ୍ବନ ହୋଇ କୋରାପୁଟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ କାମ କରୁଥିଲେ,ଏତତଃ ବ୍ୟତୀତ ତେନ୍ତୁଳୀଖୁଣ୍ଟି ବ୍ଲକ ରେ ମଧ ଟଙ୍କା ଖାଇ ନିଲମ୍ବନ ହୋଇଥିଲେ ଓ ରାୟଗଡା ଜିଲ୍ଲା ଅଧିନ ଗୁଣପୁର ତହସିଲ ର ତହସିଲଦାର ଥିବା ସମୟରେ ମଧ ପ୍ରଚୁର ମାତ୍ରରେ ଲାଞ୍ଚ ଖାଇ ଆଇନଜୀବୀ ମାନଙ୍କ ସହିତ ଝଗଡା କରି ଥାନା ରେ ମଧ ଶ୍ରୀମତୀ କାର୍ତିକ ମେଡମଙ୍କ ନାମରେ କେସ ହୋଇଥିଲା । ଗୋଲାମୁଣ୍ଡା ବିଡ଼ିଓ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଅତି ଖାସ ଲୋକ ଅକ୍ଷମିତା କାର୍ତିକଙ୍କୁ ଗିରଫ କରିଛି ଜୟପୁର ଭିଜିଲାନ୍ସ, ତେବେ ଜୁନାଗଡ଼ ବିଧାୟକ କୋରାପୁଟ ଜିଲ୍ଲା ର ପର୍ଯ୍ୟବେକ୍ଷକ ଥିବା ବେଳେ ଏହି ଲାଞ୍ଚୁଆ ବିଡ଼ିଓ ଙ୍କୁ ନିଜ ନିର୍ବାଚନ ମଣ୍ଡଳୀ ର ଗୋଲାମୁଣ୍ଡା ବ୍ଲକ କୁ ବିଡ଼ିଓ କରି ଆଣିଥିଲେ ।

### ପୂର୍ବତନ ବିଧାୟକଙ୍କୁ ବିଜେପିର ପ୍ରଶ୍ନ

# ୩୫ବର୍ଷରେ ଯାହା ହୋଇନି, ୩୫ଦିନରେ କେମିତି ହେବ ?

**ଦାନଗଦୀ,(ମହାଭାରତ) :** ୩୫ ବର୍ଷ ପରେ ସୁକିନ୍ଦାରେ ଶାସନ ବଦଳିଛି । କେବଳ ସୁକିନ୍ଦା ନୁହେଁ ସାରା ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି । ସୁକିନ୍ଦାରେ ଦୀର୍ଘ ୩୫ ବର୍ଷ ହେଲା ପୂର୍ବତନ ବିଧାୟକ ଓ ତାଙ୍କ ପିତା ଶାସନ ଡୋରି ଧରିଥିଲେ । ସାଧାରଣ ନିର୍ବାଚନକୁ ମାତ୍ର ମାସେ ବିତିଛି । ସୁକିନ୍ଦାରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ପୂର୍ବତନ ମନ୍ତ୍ରୀ ଏତେ ବ୍ୟସ୍ତ ହେବା ଅତ୍ୟନ୍ତ ହାସ୍ୟାସ୍ପଦ । ୩୫ବର୍ଷରେ ଯାହା ହୋଇନି ମାତ୍ର ୩୫ ଦିନରେ କେମିତି ହେବ ? ୩୫ ମାସ ଅପେକ୍ଷା କରନ୍ତୁ, ନୂଆ ସୁକିନ୍ଦା ଦେଖିବେ ବୋଲି ମଙ୍ଗଳପୁର ପଞ୍ଚାୟତରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ପ୍ରକାଶ କରିଛି । ସୁ କିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡାଇ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଦେଖାକରି ମାନପୁର ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ଶେଷ କରିବା ଓ ଖଣି ଅଞ୍ଚଳରେ ବର୍ଜ୍ୟ ମାଟି ଶାସନ କରିବା ପରେ ମଧ ସୁକିନ୍ଦାରେ ଅନାହାର ଓ ନଗଡ଼ା ଚିତ୍ର ସାରାଦେଶ ଦେଖୁଛି । ନୂତନ ସରକାର ଆସିବାର ମାତ୍ର ୩୫ ଦିନ ହୋଇଛି । ଅତି କମ୍ ?ରେ ୩୫ ମାସ ଅପେକ୍ଷା କରନ୍ତୁ । ଦେଖୁବେ ନୂଆ ସରକାର ସୁ କିନ୍ଦା ପାଇଁ କଣ ସବୁ ପଦକ୍ଷପ ନେଉଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ?, ସାଧାରଣ ସମ୍ପାଦକ ସୁଧ ସୁଧାଂଶୁ ଶେଖର ଭଞ୍ଜ, ସମ୍ପାଦକ ପ୍ରତାପ ପ କୁମାର ମଙ୍ଗଳପୁର ସରପଞ୍ଚ ବାବୁଲି ଧୀର, ନାଟିଆ, ପ୍ରଧାନ ଭିମନ୍ୟୁ ପଞ୍ଚାୟତ ସଭାପ ତ ସଭାପତି ଅଭିମନ୍ ପ୍ରମୁଖ ଉପସ୍ଥିତ ଥିଲେ । ଖସି ଯେଉଁ ଚାଷ ଜମି ସବୁ କ୍ଷତି ହୋଇଛି ତାର କ୍ଷତିପୂରଣ ଚାଷୀଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ଦାବିପତ୍ର ଦେଇଥିଲେ । ଯେଉଁ ଓଭରବ୍ରିଜ



କଥା ପୂର୍ବତନ ବିଧାୟକ କହୁଛନ୍ତି, ସେ ପୂର୍ବରୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଥିଲେ । ସେ ଚାହିଁ ଥିଲେ ମଧ ଏହାର ସମାଧାନ କରି ପାରିଥାନ୍ତେ, କିନ୍ତୁ କଲେ ନାହିଁ । ତାଙ୍କ ପିତାଙ୍କ ସମୟରେ ବ୍ରିଜର ଶୁଭ ପଡ଼ି ଆଠ ବର୍ଷ ପରେ କାମ ଆରମ୍ଭ ହୋଇଥିଲା । ନିମ୍ନମାନର କାର୍ଯ୍ୟ ଯୋଗୁ ବ୍ରିଜ କୌଣସି ସମୟରେ ଗଳି ପଡ଼ିବାର ସମ୍ଭାବନା ରହିଛି । ପୂର୍ବତନ ମନ୍ତ୍ରୀ ଓ ତାଙ୍କର ପିତା ସୁକିନ୍ଦାକୁ ୩୫ ବର୍ଷ ।



# ମହାଭାରତ ଅଞ୍ଚଳ କଥା



ଆପଣା ମାଟିର କଥା ଓ ବ୍ୟଥା




## ମାନବ ସେବା ମାଧବ ସେବା ଚ୍ଛରିଟେବୁଲ ଟ୍ରଷ୍ଟକୁ ସେବା ଶ୍ରୀ ସମ୍ମାନ

ଅନୁଗୋଳ,(ମହାଭାରତ):ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ଜାରି ରଖି ଉଚ୍ଚ ପ୍ରଶଂସିତ ହୋଇଥିବା ମାନବ ସେବା ମାଧବ ସେବା ଚ୍ଛରିଟେବୁଲ ଟ୍ରଷ୍ଟ ଆଜି ମାନବ ସେବା ଚ୍ଛରିଟେବୁଲ ଟ୍ରଷ୍ଟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ରେ ସେବାଶ୍ରୀ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ତୁବେ ପଂଚ୍ଛୟତ ର ସରପଞ୍ଚ ଅନିଲ ପ୍ରଧାନ ଓ ମାନବ ସେବାଶ୍ରମ ଅଧକ୍ଷ ଚିନ୍ମୟୀ ଦାସ ଏବଂ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ରହିଥିଲେ।

## ବ୍ରାଉନ ସୁଗାର ଜବତ,ଦୁଇ ଗିରଫ



ଅନୁଗୋଳ,(ମହାଭାରତ): ବଅଁରପାଳ ନାଲକୋ ଥାନା ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ ପଞ୍ଚାୟତ ଭାଲୁଧରି ସାହି ରେଲୱେ ପାର୍ଶ୍ ଆମ୍ବ ବଗିଚ୍ଛରେ ବ୍ରାଉନ ସୁଗାର ବିକ୍ରୀ ହେଉଥିବା ଖବର ପାଇ ନାଲକୋ ପୁଲିସ ସଦଳବଳେ ଗତ କାଲି ସକାଳ ୧୦.୨୫ ରେ ଚଢାଉ କରିଥିଲା। ବ୍ରାଉନ ସୁଗାର ବିକ୍ରୀ କରୁଥିବା ଜଣେ ଯୁବକ ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ଗ୍ରାମର ସତ୍ୟବାନ୍ ସାହୁ ୨୫ ଓ ଅନଗୁଳ ବନ୍ତଳା ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ଜଣେ ଯୁବକ ପ୍ରଦ୍ୟୁମ୍ନ ସାହୁ ପଦି ୨୬ କୁ କାବୁ କରିବା ସହ ତାଙ୍କ ନିକଟରୁ ୫.୦୧ ଗ୍ରାମ ବ୍ରାଉନ ସୁଗାର୍ , ଏକ ମୋଟର ସାଇକେଲ ନଂ - ଓଡି ୧୯ ଏଚ ୦୩୬୨ ଓ ନଗଦ ୧୬୧୦ ଟଙ୍କା ପୁଲିସ ଜବତ କରି ଥାନାକୁ ଆଣିଥିଲା।ଏହି କାରବାରର ମୂଖ୍ୟ କିଙ୍ଗ ପିନ କୁହାଯାଉଥିବା ଗିରାଙ୍ଗ ଗ୍ରାମର ଝିଲି ସାହୁ ପୁଲିସ କୁ ଚକମା ଦେଇ ଫେରାର ହୋଇଯାଇଛି। ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ଯୁବକ ଦୁଇଜଣଙ୍କ ନାମରେ ପୁଲିସ ଏକ ମାମଲା ନଂ -୧୩୧/୨୪ ରୁଜୁ କରି କୋର୍ଟ ଚ୍ଛଲାଣ କରିଛି। ଥାନାର ତଦନ୍ତକାରୀ ଅଧିକାରୀ ଶ୍ରୀ ଗଙ୍ଗାଧର ବେହେରା ଘଟଣାର ତଦନ୍ତ କରୁଛନ୍ତି।

## ସଂଗୀତଶାସ୍ତ୍ର ସଂପର୍କିତ ଆଲୋଚନାଚକ୍ର

ବେଗୁନିଆ,,(ମହାଭାରତ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସିଦ୍ଧ ଭୈରବୀ ଶାଖା ବ୍ରହ୍ମପୁର ତରଫରୁ ଆୟୋଜିତ ଆଭାଷୀ କାର୍ଯ୍ୟକ୍ରମର ଶୀର୍ଷକ 'ଆମ ସଙ୍ଗୀତ ଶାସ୍ତ୍ରର ବିଶିଷ୍ଟ ସଂଗୀତଜ୍ଞ ସୋମନାଥ ରାଜଗୁରୁଙ୍କ ୮୪ତମ ଜୟନ୍ତୀ ସମ୍ପର୍କୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଂଯୋଜକ ଡା. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗଞ୍ଜାମ ଜିଲ୍ଲା ସଭାପତି ହରେକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡାସନ୍ତୋଷ କୁମାର ମହାପାତ୍ର, ସଂଯୋଜକ ନାରାୟଣ ନାୟକ, ଗୁରୁ କବି ସୋମନାଥ ରାଜଗୁରୁଙ୍କ ସମସାମୟିକ ବନ୍ଧୁ ବରିଷ୍ଠ ନାଟ୍ୟକାର ଭାଗବତୀ ଚରଣ ପଟ୍ଟନାୟକ, ବରିଷ୍ଠ କଣ୍ଠ ଶିଳ୍ପୀ ନବକିଶୋର ମିଶ୍ର,ଜଗଦୀଶ ପ୍ରସାଦ ରଥ, ସତ୍ୟ ନାରାୟଣ ସାମନ୍ତରାୟ, ପ୍ରମୋଦ ତ୍ରିପାଠୀ ସନ୍ନ୍ୟାସୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୋମନାଥ ରାଜାଗୁରୁଙ୍କ ଜୀବନ ଅବଧିରେ ରଚନା କରିଥିବା ୩୦୦୦ରୁ ଅଧିକ ଭଜନ, ଜଣାଣ, ପଲ୍ଲୀ ଗୀତ ଓଡ଼ିଆ ଚଳଚିତ୍ର ଉଦୟଭାନୁର ସଙ୍ଗୀତ ନିର୍ଦ୍ଦେଶନା, ୪୦୦ରୁ ଅଧିକ ନାଟକର ସଙ୍ଗୀତ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ସେ। କଣ୍ଠ ଶିଳ୍ପୀ ଡ. ଚନ୍ଦନ ଗନ୍ତାୟତ, ମମତା ସାମନ୍ତରାୟ, ସଲୀଳା ମହାନ୍ତି, ସବିତା ଶୁକ୍ଳ, ଶତ୍ରୁଘ୍ନ ସାହୁ, ଜ୍ୟୋର୍ତିମୟୀ ତ୍ରିପାଠୀ, ଅର୍ମିତା ପ୍ରଭା ସ୍ୱାଇଁ, ପଲ୍ଲବୀ ତ୍ରିପାଠୀ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠ ଦାନ କରିଥିଲେ କାର୍ଯ୍ୟକ୍ରମକୁ ଗୁରୁକବି ରାଜଗୁରୁଙ୍କର ସୁପୁତ୍ର ଇଂ ଶଶିକାନ୍ତ ରାଜଗୁରୁ ପରିଚ୍ଛଳନା କରିଥିଲେ ।

## ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲ ଛାତ୍ର ନିର୍ବାଚନ ଅନୁଷ୍ଠିତ



ଅନୁଗୋଳ,(ମହାଭାରତ): ଚଳିତ ଶିକ୍ଷାବର୍ଷ ୨୦୨୪ ନିମନ୍ତେ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲ ରେ ଛାତ୍ର ନିର୍ବାଚନଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିର୍ବାଚନରେ ନିର୍ବାଚିତ ବିଦ୍ୟାର୍ଥୀ ମାନଙ୍କ ଶପଥ ଗ୍ରହଣ ଲାଗି ଏକ ସଭାକାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭବିଷ୍ୟତର ନବ ନିର୍ମାତା ଶିଶୁଙ୍କ ମନରେ ଦେଶ ପ୍ରୀତି ସୃଷ୍ଟି କରିବା ଲାଗି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ୍ ବିଜେପି ଉପାଧକ୍ଷ ଏବଂ ଢେଙ୍କାନାଳ ମହିଳା ମୋର୍ଚ୍ଚା ପ୍ରଭାରି ଶ୍ରୀମତୀ ଯଶସ୍ୱିନି ରାଉତ କହିଥିଲେ । ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ମାନବାଧିକାର ଫୋରମ୍ ସଭାପତି ଶ୍ରୀଯୁକ୍ତ ରାହୁଲ ଅନୁରାଗ ଏବଂ ଅନ୍ତର୍ଜାତୀୟ ମାନବାଧିକାର ଫୋରମ୍ ଉପସଭାପତି ଶ୍ରୀମତୀ ରମିତା ପଟ୍ଟନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟ ର ଅଧକ୍ଷା କେ. ବୈଶାଳୀ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଅତିଥିମାନେ ନବନିର୍ବାଚିତ ବିଦ୍ୟାର୍ଥୀ ମାନଙ୍କୁ ସାମାଜିକ ନୈତିକ ବୋଧ ଏବଂ ସମାଜ ପ୍ରତି ଅନୁରାଗ ସମ୍ବନ୍ଧରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ମାନ ଫଳକ ପ୍ରଦାନ କରାଯାଇଥିଲା । ଏହା ସହିତ ଏନ୍ .ଏସ. ଏସ . ପ୍ରତିଯୋଗିତା ୨୦୨୩ ରେ ସର୍ବଭାରତୀୟ ସ୍ତରରେ ଶ୍ରୀ ଚୈତନ୍ୟ ସ୍କୁଲର (୮୫୦) ସ୍କୁଲ ମଧ୍ୟରୁ ଅନୁଗୋଳ ଶାଖାର ପ୍ରଥମ ସ୍ଥାନରେ ବିଜୟ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଜୋନ ସ୍ତରରେ ହୋଇଥିବା ଚେସ୍ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବିଦ୍ୟାର୍ଥୀ ଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ସର୍ବଶେଷରେ ବିଦ୍ୟାଳୟର ଉନ୍ନତି ଏବଂ ବିଦ୍ୟାର୍ଥୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଶୁଭକାମନା କରି ସଭା କାର୍ଯ୍ୟକ୍ରମ ସମାପନ କରିଥିଲେ ।

## ୟୁରୋପ ର ମାଉଣ୍ଟ ଏଲ୍‌ବୃସ ଚଢ଼ିବେ,ଦେବଗଡ ଜିଲ୍ଲାର ଶଶି ଭୂଷଣ ମାଝୀ




ଦେବଗଡ(,ମହାଭାରତ): ୟୁରୋପର ମାଉଣ୍ଟ ଏଲ ବୃସ୍ ପାହାଡ ଚଢିବେ ଦେବଗଡ ଜିଲ୍ଲା ,ବ୍ରଜ ମୋହନ ପୁର, ଗାଁ ର ଅର୍ଜୁନ ମାଝୀ ଙ୍କ ପୁତ୍ର ଶଶି ଭୂଷଣ ମାଝୀ। ଆସନ୍ତାଅଗଷ୍ଟ ୬ତାରିଖରୁ ସେ ତାଙ୍କର ଯାତ୍ରା ଆରମ୍ଭ କରିବେ ଏବଂଅଗଷ୍ଟ ୧୫ତାରିଖ ରେ ସେଠାରେ ପହଞ୍ଚି ଜାତୀୟ ପତାକା ସେଠାରେ ଉଡ଼ାଇବେ ବୋଲି ଶଶି ଭୂଷଣକହିଛନ୍ତି। ଏଥି ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ହସ୍ତକ୍ଷେପରେ ଏମ ସି ଏଲ ତରଫରୁ ୨ଲକ୍ଷ ଟଙ୍କାର ଚେକ୍ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ଗୁରୁବାର ଦିନସକାଳ ୧୦ଟାରେ ଦେବଗଡ ସର୍କିଟ ହାଉସ ରେ ପଞ୍ଚାୟତ ରାଜ ପାନୀୟ ଜଳ , ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ,ଜିଲ୍ଲା ବି ଜେ ପି ସଭାପତି ଅରୁଣ କୁମାର ସାହୁ ଙ୍କ ସମେତ ବୋହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କୁ ଟିରଙ୍ଗା ପତାକା ଧରାଇ ସମ୍ମାନିତ କରିବା ସହିତ ଉଛାହିତ କରିଛନ୍ତି। ୫୬୪୨ମିଟର ଉଚ୍ଚତା ଥିବା ୟୁରୋପ ମହାଦେଶର ସବୁଠାରୁ ଉଚ୍ଚତମ ଶୃଙ୍ଗ ହେଉଛି,ମାଉଣ୍ଟ ଏଲ ବ୍ରଶୟଦୀର୍ଘ ଦିନ ହେଲା ଶଶି ଭୂଷଣ ଙ୍କଏହି ପାହାଡ ଚଢିବା ସପ୍ନ ଥିବା ବେଳେ ଏହା ଏବେ ସଫଳ ହେବାକୁ ଯାଉଛି। ଏହା ପୂର୍ବରୁ ସେ ଉତ୍ତର ପୂର୍ବ ର କେଦାର କୋଣ୍ଡୟ, କାଞ୍ଚୟ ନିଆର ମାଉଟ କିଲମିଞ୍ଜା ପାହାଡ ଚଢି ସଫଳ ହାସଲ କରିଛନ୍ତି। ଶଶୀଭୂଷଣ କହିଛନ୍ତି ଏହି ପର୍ବତ ଆରୋହୋନ୍ମୋ ମୋପାଇଁ ଏକ ଅଗ୍ନି ପରୀକ୍ଷା ମୁ ନିଶ୍ଚୟ ସଫଳ ହାସଲ କରିବି। ଏବଂ ଦେବଗଡ ଜିଲ୍ଲା ର ନାମ ରାଜ୍ୟ,ଦେଶ ବିଦେଶର କଣ ଅନୁକୋଣରେ ପ୍ରସାର ପ୍ରଚ୍ଛର ହେବ।

## ନୟାଗଡ଼ ରେ ମେଡିକାଲ କଲେଜ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟ କୁ ବିଶ୍ ବିଦ୍ୟାଳୟ ର ମାନ୍ୟତା ଦାବିରେ ଗଣଧାରଣା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ଏବଂ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦାବିରେ ଆଜି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଅନୁଷ୍ଠିତ ହୋଇଛି। ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଆବାହକ୍‌ବରେ ଅନୁଷ୍ଠିତ ଗଣଧାରଣାରେ ଦଳମତ ନିର୍ବିଶେଷରେ ନୟାଗଡ଼ ବହୁ ବ୍ୟକ୍ତି ସାମିଲ ହୋଇଛନ୍ତି। ନୟାଗଡ଼ ଜିଲ୍ଲାରେ ଆଖ ପାଖ ପାଞ୍ଚଟି ଜିଲ୍ଲାର ଛାତ୍ରଛାତ୍ରୀ ଶିକ୍ଷା ପାଇଁ ନିର୍ଭର କରୁଛନ୍ତି। ନୟାଗଡ଼ ଏବେ ଶିକ୍ଷାର ପ୍ରାଣକେନ୍ଦ୍ର ପାଲଟିଛି। ମାତ୍ର ଜିଲ୍ଲା ସଦରମହକୁମାରେ ଅବସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ବେଳେ ଏହାକୁ ଅଣଦେଖା କରାଯାଉଛି। ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବା ପାଇଁ ବହୁ ପୂର୍ବରୁ ଦାବି ହୋଇଆସୁଛି। ଦୁଇଟି ଦାବି ନେଇ ଗଣଧାରଣ ଆରମ୍ଭ ହୋଇଥିବା ବେଳେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ରାମକୃଷ୍ଣ ରଥ, ନିର୍ମଳ ଚନ୍ଦ୍ର ଶୂରଦେଓ, ହୁସେନ ଖାନ୍, ଶ୍ରୀକାନ୍ତି ପଟ୍ଟନାୟକ ପ୍ରମୂଖ ସାମିଲ ହୋଇଛନ୍ତି।



## ଜବରଦଖଲ ପାଇଁ ବଢୁଛି ଟ୍ରାଫିକ ସମସ୍ୟା

### ଦୀର୍ଘ ସମୟ ଧରି ଫସି ରହିଲା ଆମ୍ବୁଲାନ୍ସ



ଅସ୍ତରଙ୍ଗ, (ମହାଭାରତ): ଦିନକୁ ଦିନ ଅସ୍ତରଙ୍ଗ ଅଞ୍ଚଳ ରେ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି, ସରକାରୀ ଜମିକୁ ଶାଗ ମାଛ ଭଳି ବ୍ୟବହାର କରୁଛନ୍ତି ଅନେକ ବ୍ୟକ୍ତି, କିଏ ଗୃହ ନିର୍ମାଣ କରୁଛି ତ କିଏ ଗୁହାଳ, କିନ୍ତୁ ଏସବୁଠୁ ବଳିଗଲାଣି ଅସ୍ତରଙ୍ଗ ବଜାର ସମସ୍ୟା, ଯାହାକୁ ନେଇ ଅନେକ ସମୟ ରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ଅନେକ ଉଠା ବ୍ୟବସାୟୀକ କେନ୍ଦ୍ର ସ୍ୱତନ୍ତ୍ର ବଜାର ରାସ୍ତା କୁ ମାଡିବସିଛନ୍ତି। ଅନେକ ଜଳଖିଆ ଦୋକାନ ରାସ୍ତା ଉପରେ ଅସ୍ଥାୟୀ ଭାବେ ଖୋଲିଛି। ସେଥିପାଇଁ ଗ୍ରାହକ ମାନେ ଏହି ରାସ୍ତା ଉପରେ ପାର୍କିଂ କରି ସେହି ବ୍ୟବସାୟିକ କେନ୍ଦ୍ର କୁ ଯାଉଛନ୍ତି। ଅସ୍ତରଙ୍ଗ ଥାନା ୩ ଛକ ରେ ଉଭୟ ଦିଗରୁ ଜବରଦଖଲ ଏଭଳି ହୋଇଛି ସେହି ସ୍ଥାନ ରେ ଅନେକ ସମୟ ରେ ଟ୍ରାଫିକ ସମସ୍ୟା ଲାଗିରହିଛି। ଯାହାର ପ୍ରଭାବ ରେ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଟି ଦୀର୍ଘ ସମୟ ପର୍ଯ୍ୟନ୍ତ ସେହି ଟ୍ରାଫିକ ଉପରେ ଫସି ରହିଥିଲା, ଏହି ଘଟଣା କୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ରାଜସ୍ୱ ବିଭାଗ ର ଅପାରଗତା ବୋଲି ବିବେଚନା କରିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ପୌରାଞ୍ଚଳ ରେ ସରକାରୀ ଜବରଦଖଲ କୁ ଉଚ୍ଛେଦ କରିବା ପାଇଁ କଡା ନିର୍ଦ୍ଧେଶ ଜାରୀ କରିଛନ୍ତି ସତ କିନ୍ତୁ ଅସ୍ତରଙ୍ଗ ରାଜସ୍ୱ ବିଭାଗ ଏପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱର ସହକାରେ ଗ୍ରହଣ କରିନାହାନ୍ତି ବୋଲି ଯାହା ଦୃଷ୍ଟିଗୋଚର ହେଉଛି। ଏ ବାବଦରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପଞ୍ଚି କହିଛନ୍ତି ଜିଲ୍ଲା ପ୍ରଶାସନ ସହିତ ବିଚ୍ଛର ବିମର୍ଷ ଚ୍ଛଲିଛି ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ, ତେଣୁକରି କେବେ ଜବରଦଖଲ କାରି ଉପରେ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଛି।

## ଟାଟା ଷ୍ଟିଲର ଯୋଡା ଇଷ୍ଟ ଲୌହ ଖଣି କ୍ୱାଲିଟି ସିଷ୍ଟମ ପାଇଁ ଫିକି ଦ୍ୱାରା ପୁରସ୍କୃତ



ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ ର ଯୋଡା ଇଷ୍ଟ ଲୌହ ଖଣି କୁ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦଶମ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚ୍ଛମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପୁରସ୍କାର ସମାରୋହରେ 'ଇନୋଭେଟିଭ୍ କ୍ୱାଲିଟି ସିଷ୍ଟମ୍ ଫର୍ ଏକ୍ସିଲେନ୍ସ' ବର୍ଗରେ କ୍ୱାଲିଟି ସିଷ୍ଟମରେ ଉତ୍କର୍ଷତା ପାଇଁ ଗୋଲ୍ଡ ଆୱାର୍ଡ ପ୍ରଦାନ କରାଯାଇଛି ।ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜିତିନ ପ୍ରସାଦା ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଟାଟା ଷ୍ଟିଲ ତରଫରୁ ଟାଟା ଷ୍ଟିଲର ଇମ୍ପ୍ରୋଭମେଣ୍ଟ (ଓଏମକ୍ୟୁ) ହେଡ ସଞ୍ଜିତ କୁମାର ଆଧା ଏବଂ ଟାଟା ଷ୍ଟିଲର ଯୋଡା ଇଷ୍ଟ ଲୌହ ଖଣି ର ଇକ୍ୟୁପମେଣ୍ଟ ମେଣ୍ଟେନାନ୍ସ ହେଡ କ୍ରିଷ୍ଣା ମୋହନ ଏହି ପୁରସ୍କାର ଗ୍ରହଣ କରିଥିଲେ । ଯୋଡା ଇଷ୍ଟ ଲୌହ ଖଣି ରେ ହାତକୁ ନିଆଯାଇଥିବା ଗୁଣବତ୍ତା ପ୍ରଣାଳୀଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ କାର୍ଯ୍ୟକାରିତା ସହିତ ଗ୍ରାହକ କୈନ୍ଦ୍ରିକ ଗୁଣବତ୍ତା ନୀତି, ଅନଲାଇନ୍ ଦସ୍ତାବିଜ ନିୟନ୍ତ୍ରଣ ବ୍ୟବସ୍ଥା, ନିରନ୍ତର ଉନ୍ନତି ପାଇଁ ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ) ନୀତି ଗ୍ରହଣ କରିବା ଏବଂ ଗୁଣବତ୍ତା ଯାତ୍ରାରେ ୧୦୦% କର୍ମଚ୍ଛରୀଙ୍କ ସମ୍ପୃକ୍ତି ଆଦି ସାମିଲ ରହିଛି । ଫିକି ସମ୍ମିଳନୀ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ସେମାନଙ୍କର ସର୍ବୋତ୍ତମ ଅଭ୍ୟାସ ଏବଂ ଅଭିନବ ସମାଧାନ ବାଣ୍ଟିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା ଯାହା ଉତ୍କୃଷ୍ଟ ଗୁଣବତା ପ୍ରଣାଳୀ ଏବଂ ସେମାନଙ୍କ ସଂଗଠନ ମଧ୍ୟରେ ସାମଗ୍ରିକ ପ୍ରଦର୍ଶନକୁ ବୃଦ୍ଧି କରିଛି । ଏହି କାର୍ଯ୍ୟକ୍ରମରେ ଯୋଡା ଇଷ୍ଟ ଲୌହ ଖଣି ର ମାନ୍ୟତା ଏହାର ଗୁଣବତାର ଉଚ୍ଚମାନ ବଜାୟ ରଖିବା ଏବଂ କାର୍ଯ୍ୟରେ ନିରନ୍ତର ଉନ୍ନତି ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ବଞ୍ଚିବା ପାଇଁ ଗଛର ଉପକାରିତା ନେଇ ଲୋକଙ୍କୁ କରାଉଛନ୍ତି ସଚେତନ

ନୟାଗଡ଼, ( ମହାଭାରତ ) : ବାପାଙ୍କ ପାଇଁ ପୁଅର ନିଆରା ପ୍ରୟାସୟ ଗଛ ଟିଏ ମଣିଷ ଟିଏ, ବଞ୍ଚିବା ପାଇଁ ଗଛର ଉପକାରିତା ନେଇ ଲୋକଙ୍କୁ ସଚେତନ କରାଉଛନ୍ତି। ନୟାଗଡ଼ର ପୂର୍ବତ୍ତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ନାଁରେ ନାମିତ ଇଟାମାଟି ବଂଶୀଧର ଇଣ୍ଟରନାସନାଲ ଫାଉଣ୍ଡେସନ ଫର୍ ପିସ୍ ଆଣ୍ଡ ଡେଭଲପମେଣ୍ଟଣ୍ଟ ଏବଂ ମାସିକ ହାସ୍ୟବ୍ୟଙ୍ଗ ପତ୍ରିକା 'ବ୍ୟଙ୍ଗ କଲମ' ଏବଂ ନୟାଗଡ଼ ବନ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ବୃକ୍ଷରୋପଣ ଓ ଚ୍ଛରା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଅଗଷ୍ଟ ଏକ ତାରିଖ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଏସ୍ପି ରାହୁଲ୍ ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ଲୋକଙ୍କୁ ଚ୍ଛରା ବଣ୍ଟନ କରିଛନ୍ତି। ସେପଟେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ପନ୍ଦର ଦିନ ବ୍ୟାପୀ ଜିଲ୍ଲାରେ ଚ୍ଛରା ବଣ୍ଟନ କାର୍ଯ୍ୟକ୍ରମ ଜାରୀ ରହିବ। ଏନେଇ ଅନୁଷ୍ଠାନର ଅଧକ୍ଷ ମନୋଜ କୁମାର ସାହୁ କହିଛନ୍ତି ବାପାଙ୍କ ଉଦ୍ଦେଶ୍ୟରେ ପାଞ୍ଚ ବର୍ଷ ହେଲା ଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ ଏବଂ ଚ୍ଛରା ବଣ୍ଟନ କାର୍ଯ୍ୟକ୍ରମ ଜାରୀ ରହିଥିବା ବେଳେ ଚଳିତ ବର୍ଷ ନୟାଗଡ଼ ବ୍ଲକ୍ ମୁଥାଗାଡ଼ିଆ ପଞ୍ଚାୟତର ମୁକ୍ତାପୁର ର ଅଧିଷ୍ଠାତ୍ରୀ ଦେବୀ ମାଆ ଶାଳଭଞ୍ଜୀ ଠାକୁରାଣୀଙ୍କ ପୀଠରୁ ବୃକ୍ଷରୋପଣ ଏବଂ ଚ୍ଛରା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁକ୍ତାପୁର, ମୁଥାଗାଡ଼ିଆ ଓ କାଳୁଚୁଆପଲ୍ଲୀ ଗାଁରେ ପ୍ରତି ଘରକୁ ଘର ଯାଇ ଚ୍ଛରା ବଣ୍ଟନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ,ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସମାଜସେବୀ ତଥା ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ଡ. କୈଳାସ , ବିନୋଦିନୀ ମହାନ୍ତି, ଦିନେଶ ମହାପାତ୍ର, ଅନୁଷ୍ଠାନର ଅଧକ୍ଷ ମନୋଜ କୁମାର ସାହୁ ଓ 'ବ୍ୟଙ୍ଗକଲମ'ର ସମ୍ପାଦକ ତଥା ଅଭିନେତା ରବୀନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ନୟାଗଡ଼ ପୂର୍ବତ୍ତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ସୁପୁତ୍ର ମନୋଜ କୁମାର ସାହୁ ପେଶାରେ ଜଣେ ରାଜନେତା ହୋଇଥିବା ବେଳେ ନିଶା କିନ୍ତୁ ତାଙ୍କର ବୃକ୍ଷ ଗୁଡ଼ିକୁ ପ୍ରେମ କରିବାୟ ଏଥିପାଇଁ ପାଞ୍ଚ ବର୍ଷ ହେଲା ସେ ଲକ୍ଷ ଲକ୍ଷ ଟଙ୍କାର ଚ୍ଛରା କିଣି, ଲୋକଙ୍କୁ ମାଗଣାରେ ଚ୍ଛରା ବଣ୍ଟନ କରିବା ସହ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିବା ଏବଂ ଲୋକଙ୍କୁ ବୃକ୍ଷର ଉପକାରିତା ନେଇ ସଚେତନ କରାଉଛନ୍ତି।

### କାଶିଆ ପଥର ଖଣି ଏବଂ କ୍ରସରକୁ ନେଇ ମୁଣ୍ଡ ଟେକିଛି ବିବାଦ

## ରାଜସ୍ୱ, ଜଙ୍ଗଲ ଏବଂ ଖଣି ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଖୋଳତାଡ଼



ନୟାଗଡ଼, ( ମହାଭାରତ ) : ପଥର ଖଣି ଏବଂ କ୍ରସର ରାସ୍ତାକୁ ନେଇ ମୁଣ୍ଡ ଟେକିଛି ବିବାଦୟ ନୟାଗଡ଼ ଡିଏଫ୍‌ଓ ଏବଂ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଭାପୁର ବ୍ଲକ ନିମାଣି କାଶିଆ ପାହାଡ଼ ପଥର ଖଣିକୁ ନେଇ ଆରମ୍ଭ ହୋଇଛି ଘଣ୍ଟାଚକଟା। ମିଳିତ ଭାବେ ରାଜସ୍, ଜଙ୍ଗଲ ଏବଂ ଖଣି ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଖୋଳତାଡ଼। ବେଆଇନ ଭାବେ ଖଣି ଏବଂ କ୍ରସର ସହ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ହୋଇଛି କି ତାଙ୍କୁ ନେଇ ଆରମ୍ଭ ହୋଉଛି ମିଳିତ ତଦନ୍ତ। ତଦନ୍ତ ବେଳେ ଅଧିକାରୀ ମାନେ ଯାଞ୍ଚ କରିଛନ୍ତି ପଥର ଖଣି ନିଲାମର ଦସ୍ତାବିଜୟ ସବୁ ଠାରୁ ରୋଚକ କଥା ହେଲା ଏହି ପଥର ଖଣିର ମାଲିକ ହେଉଛନ୍ତି ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନୟ ତେଣୁ ତାଙ୍କ ପାଇଁ ବଢ଼ିଛି ଅଡୁଆ। କାରଣ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି ପଥର ଖଣି ଏବଂ କ୍ରାସର୍ ପାଇଁ ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ କରାଯାଇଛି। ଯାହା ବେଆଇନୟ ଜଙ୍ଗଲ ବିଭାଗ ପକ୍ଷରୁ ସେଠାରେ ବୃକ୍ଷ ରୋପଣ ପାଇଁ ପୂର୍ବରୁ ଚିହ୍ନଟ ହୋଇଛି। ଏହା ସହ କାଶିଆ ପାହାଡ଼ ବଣ ଜଙ୍ଗଲ ହୋଇଥିବା ରୁ କିଭଳି ପାହାଡ଼ରୁ ଅଧିକ ପଥର ଉତ୍ତୋଳନ କରାଯାଉଛି। କେମିତି ଦିଆଯାଇଛି ପରିମିଟୟ କ୍ରସର ପାଇଁ ଅନ୍ୟ ରାସ୍ତା ତହସିଲ ପକ୍ଷରୁ ଦିଆଯାଉଥିବା ବେଳେ, ବେଆଇନ ଭାବେ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରି ପ୍ରତିଦିନ କ୍ରସରରୁ ଶହ ଶହ ଟ୍ରିପ ପଥର ଗୋଡ଼ି ଚ୍ଛଲାଣ କରାଯାଇଛି। ଏହି ଅଭିଯୋଗ ପରେ ସପ୍ତାହ ତଳେ ଖଣି ଅଧିକାରୀ ଈଶ୍ୱର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱକ ପରିସ୍ଥିତି ଅନୁଧାନ କରି ଫେରିଥିବା ବେଳେ, ନିକଟରେ ପୁଣି ଦ୍ୱିତୀୟ ବାର ଖଣି ବିଭାଗ ଅଧିକାରୀ ସମେତ, ରାଜସ୍ୱ ଓ ବନବିଭାଗର ଏକ ୧୦ ଜଣିଆ ଟିମ୍ ଗତ ଚ୍ଛରିଦିନ ତଳେ ପହଞ୍ଚି ଓସାକ୍ସର ଟିମ୍ ସାହାର୍ଯ୍ୟରେ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ମାପଚୁପ୍ ଆରମ୍ଭ କରାଯାଇଛି ପଥର ଖଣିର। ମିଳିଥିବା ସୂଚନା ଅନୁଯାୟୀ ଖଣିର ୪ଟି ସ୍ଥାନରେ ଜିପିଏସ୍ ଲଗାଇ ସେଠାରେ ମାପଚୁପ୍ କରାଯାଇଛି। ବାସ୍ତବରେ ଖଣି ଲିଜ୍ ନେବା ପୂର୍ବରୁ ଏହାର କିସମ କ'ଣ ଥିଲା ଓ ଏବେ କ'ଣ ଅଛି ? କେତେ ଖଣି ଖୋଳିବା ପାଇଁ ଅନୁମତି ଥିଲା ଏବଂ କେତେ ପରିମାଣର ଖୋଳାଯାଇଛି ? ଏହାର ଟିକିନିଖି ତଦନ୍ତ ଆରମ୍ଭ ହୋଇଛି ଖଣି ବିଭାଗ ପକ୍ଷରୁ। ସେପଟେ ଖଣି ବିଭାଗ ପକ୍ଷରୁ କୁହାଯାଇଛି ମିଳିତ ତଦନ୍ତ କରାଯାଇଛି। ଏହାସହ ପଥର ଖଣିର ମାପଚୁପ୍ କରାଯାଇଛି। ସେପଟେ ଏଠାରେ ବେଆଇନ ଖଣି ଉତ୍ତୋଳନ କରାଯାଉଛି ବୋଲି ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ଆଇନ୍ କାନୁନ୍ କୁ ଫୁ କରି ମାଫିଆ ମାନେ ବେଧଡକ ଭାବେ ପ୍ରତିଦିନ ବାଲି ଏବଂ ପଥର ଚୋରା ଚ୍ଛଲାଣ କରୁଥିବାବେଳେ, ସେମାନଙ୍କ ଉପରେ ରୋକ ଲଗାଇବାରେ ଖଣି ବିଭାଗ ନାଚ୍ଛର। ସୂଚନା ଅନୁଯାୟୀ ଜିଲ୍ଲାରେ ୧୧୧ ଟି ଖଣି ରହିଥିବା ଜଣାପଡିଛି। ସେପଟେ ଅଭିଯୋଗ ପରେ କାଶିଆ ପାହାଡ଼ ଖଣିର ସଠିକ୍ ତଦନ୍ତ ପାଇଁ ଓସାକ୍ସ ପକ୍ଷରୁ ସତୀଶ ପ୍ରସାଦ ଷଡ଼ଙ୍ଗୀ, ସୌମ୍ୟରଞ୍ଜନ ବିଶ୍ୱାଳ, ଖଣି ଅଧିକାରୀ ଈଶ୍ୱର ପ୍ରଧାନ, ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକ ସୁଦୀପ ପଟ୍ଟନାୟକ ଓ ବନ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି ମିଳିତ ଛାନଭିନ୍ନ କରି ନିକଟରେ ଫେରିଛନ୍ତି। ନିମାଣି ଆର୍.ଡି ରାସ୍ତା ଠାରୁ କ୍ରସର ପର୍ଯ୍ୟନ୍ତ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରାଯାଇଛି ବୋଲି ଚିଠିରେ ନୟାଗଡ଼ ଡିଏଫ୍‌ଓ ଉଲ୍ଲେଖ କରିଛନ୍ତି। ସେପଟେ ନିମାଣି ସରପଞ୍ଚ କହିଛନ୍ତି ରାସ୍ତା ନିର୍ମାଣ କ୍ରସର ପାଇଁ ନୁହେଁ ଲୋକଙ୍କ ଯାତାୟାତ ପାଇଁ ହୋଇଛି। ଜଙ୍ଗଲ ଜମିରେ ରାସ୍ତା ଯାଇ ନାହିଁ, ବେଣୁଧର ପ୍ରଧାନ ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବାରୁ ନୂଆ ସରକାର ଆସିବ ପରେ ଆକ୍ରୋଶ ମୂଳକ ଭାବେ ବଦନାମ କରାଯାଇଛି। ଏହି ରାସ୍ତା ପୂର୍ବତ୍ତନ ସରପଞ୍ଚଙ୍କ ସମୟରୁ ନିର୍ମାଣ ହୋଇଛି। କାଶିଆ ପାହାଡ଼ ପଥର ଖଣି ଏବଂ କ୍ରସରକୁ ବେଆଇନ ରାସ୍ତା ନିର୍ମାଣ ନେଇ ଦେଖା ଦେଇଥିବା ବିବାଦ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଥିବା ବେଳେ, ଏହାର ସମାଧାନ ଦିଗ ରାଜସ୍, ଜଙ୍ଗଲ ଏବଂ ଖଣି ବିଭାଗର ନିରପେକ୍ଷ ତଦନ୍ତ ଉପରେ ନିର୍ଭର କରୁଛି।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ତେଲଅଭିବକୁ ସମସ୍ତ ଉଡାଣ ବାତିଲ କଲା ଏୟାର ଇଣ୍ଡିଆ




**ନୂଆଦିଲ୍ଲୀ,୨।୮(ମହାଭାରତ):** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ଏୟାର ଇଣ୍ଡିଆ ଇସ୍ରାଏଲକୁ ବିମାନ ଉଡ଼ାଣକୁ ବାତିଲ କରିଦେଇଛି । ଶୁକ୍ରବାର ଦିନ ବିମାନ କମ୍ପାନୀ ସୂଚନା ଦେଇଛି ଯେ ଅଗଷ୍ଟ ୮ ପର୍ଯ୍ୟନ୍ତ ସମସ୍ତ ବିମାନ ବାତିଲ କରାଯାଇଛି । କମ୍ପାନୀ କହିଛି ଯେ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା, ତେଣୁ ଇସ୍ରାଏଲର ତେଲଅଭିବକୁ ସମସ୍ତ ଉଡ଼ାଣକୁ ବାତିଲ କରାଯାଇଛି । ବାସ୍ତବରେ ହମାସର ଶୀର୍ଷ ନେତା ଇସ୍ମାଇଲ ହାନିୟେହକୁ ତେହରାନରେ ନିପାତ କରାଯାଇଥିବା ନେଇ ଇରାନ ଏବଂ ହମାସ ଦ୍ୱାରା ଘୋଷଣା କରାଯାଇଥିଲା । ହାନିୟେହ ପରେ ହମାସ ସାମରିକ ମୁଖ୍ୟ ମହମ୍ମଦ ଡିଫ୍ଫୁ ବିମାନ ଆକ୍ରମଣ କରି ନିପାତ କରାଯାଇଛି । ତେହେରାନରେ ହମାସ ମୁଖ୍ୟ ଇସମାଇଲ ହାନିୟେହର ମୃତ୍ୟୁପରେ ଇରାନ ଖୋଲାଖୋଲି ଭାବେ ଇସ୍ରାଏଲକୁ ଚେତାବନୀ ଦେଇଛି । ଇରାନର ଚେତାବନୀ ପରେ ମଧ୍ୟ ଏସିଆ ଅଞ୍ଚଳରେ ପରିସ୍ଥିତି ତିକ୍ତ ହୋଇ ରହିଛି । ଗତ ବର୍ଷ ଅକ୍ଟୋବର ୭ରୁ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ଚାଲିଛି । ଅନ୍ୟପଟେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଯୁଦ୍ଧ ଆଶଙ୍କା କରି ଭାରତ ଲେବାନନରେ ରହୁଥିବା ନିଜ ନାଗରିକମାନଙ୍କୁ ସତର୍କ ସୂଚନା ଜାରି କରିଥିଲା । ଇସ୍ରାଏଲ ଏବଂ ଉଗ୍ରବାଦୀ ସଂଗଠନ ହିଜବୁଲ୍ଲା ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଲେବାନନର ରାଜଧାନୀ ବେରୁତରେ ଥିବା ଭାରତୀୟ ଦୂତାବାସ ଗୁରୁବାର ଭାରତୀୟ ନାଗରିକମାନଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ପଶ୍ଚିମ ଏସୀୟ ଦେଶକୁ ଯାତ୍ରା ନ କରିବାକୁ ଏବଂ ଉକ୍ତ ଦେଶ ଛାଡିବାକୁ କଡ଼ା ପରାମର୍ଶ ଜାରି କରିଥିଲା । ଉଲ୍ଲେଖ ଥାଉ କି ଗତ ବର୍ଷ ଅକ୍ଟୋବର ୮ ତାରିଖରୁ ଇସ୍ରାଏଲ-ଲେବାନନ ସୀମାରେ ଇସ୍ରାଏଲ ସେନା ଓ ହିଜବୁଲ୍ଲାଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛି । ଇସ୍ରାଏଲ ମଙ୍ଗଳବାର ଦକ୍ଷିଣ ବେରୁତରେ ହିଜବୁଲ୍ଲାର ଶୀର୍ଷ ସାମରିକ କମାଣ୍ଡର ଫୁଆଦ ଶୁକ୍ରକୁ ହତ୍ୟା କରିଥିବା ନିଶ୍ଚିତ କରିଥିଲା ।

# ଖୁବ୍‌ଶୀଘ୍ର ମୋ ଘରେ ପ୍ରଶିବ ଇଡି



**ନୂଆଦିଲ୍ଲୀ,୨।୮(ମହାଭାରତ):** ଏକବିଂଶ ଶତାବ୍ଦୀରେ ଭାରତକୁ ଚକ୍ରବ୍ୟୁହରେ ଫସାଯାଇଛିୟ ବର୍ତ୍ତମାନ ଦେଶ ଭୟର ବାତାବରଣରେ ବଞ୍ଚିଛି । ଏହି ଭୟ ପ୍ରତି କୋଣକୁ ବ୍ୟାପି ଯାଇଛି ।' ଗତ ୨୯ ତାରିଖରେ ଲୋକସଭାରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏପରି ମନ୍ତବ୍ୟ ଦେଇଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଥିଲା ଝଡ଼ । ଏବେ ଏହି ବୟାନକୁ ନେଇ ବିଜେପି ତାଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଥିବା କହିଛନ୍ତି ରାହୁଲ । ରାହୁଲ କହିଛନ୍ତି, ମୋର ଚକ୍ରବ୍ୟୁହ ଭାଷଣ ସେମାନଙ୍କୁ ପସନ୍ଦ ଆସିନି । ତେଣୁ ସେମାନେ ମୋ'ଠୁ ପ୍ରତିଶୋଧ ନେବାକୁ ଯୋଜନା କରୁଛନ୍ତି । ଇଡି ଦ୍ୱାରା ମୋ' ଘରେ ରେଡ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏକଥା ମୁଁ ନୁହେଁ, ଇଡିରେ କାର୍ଯ୍ୟରତ କିଛି ଖାସ ଲୋକ ମୋତେ ସୂଚନା ଦେଇଛନ୍ତି ।ନିଜ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ସୂଚନା ଦେଇ ସେ କହିଛନ୍ତି, କିଛି ବିଶ୍ୱସ୍ତ ଲୋକଙ୍କ ସୂତ୍ରରୁ ଜାଣିବାକୁ ପାଇଛି, ମୋ' ଘର ଉପରେ ରେଡ କରିବା ନିମନ୍ତେ ଇଡି ଯୋଜନା କରୁଛି । ମୁଁ ଇଡିକୁ ସ୍ୱାଗତ କରିବାକୁ ଅନାଇ ବସିଛି, ଚା' ଓ ବିସ୍କୁଟ ମୋ' ତରଫରୁ ନିହାତି ଭାବେ ଦେବି । ଗତ ୨୯ ତାରିଖରେ ଲୋକସଭାରେ ରାହୁଲ ଗାନ୍ଧି ମହାଭାରତର ଚକ୍ରବ୍ୟୁହ ଉଦାହରଣ ଦେଇ କହିଥିଲେ, ଅଭିମନ୍ୟୁଙ୍କ ଭଳି ଭାରତକୁ ପଦ୍ମବ୍ୟୁହରେ ଫସା ଯାଇଛି । ବିଜେପି ପଦ୍ମବ୍ୟୁହ କରି ଭାରତକୁ ଫସାଇଛି, ଇଣ୍ଡିଆ ବ୍ଲକ୍ ଏହାକୁ ଭାଙ୍ଗିବ । ଇଣ୍ଡିଆ ମେଣ୍ଟ ଜାତିଗତ ଜନଗଣନା କରି ବିଜେପିର ପଦ୍ମବ୍ୟୁହକୁ ଭାଙ୍ଗିବ । କେନ୍ଦ୍ର ବଜେଟକୁ ମଧ୍ୟ ସମାଲୋଚନା କରି ରାହୁଲ ଗାନ୍ଧି କହିଥିଲେ, ବଜେଟରେ ଟିକସ ଟେରୋରିଜିମ ସମସ୍ୟାର ସମାଧାନ ହୋଇନାହିଁ । ଏହି ବଜେଟ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ହିତକର ନୁହେଁ । ସେ କହିଥିଲେ, ମୋର ଆଶା ଥିଲା ଏହି ବଜେଟ୍ 'ଚକ୍ରବ୍ୟୁହ 'ର ଶକ୍ତି ଦୁର୍ବଳ କରିବ । ଦେଶର କୃଷକମାନଙ୍କୁ ସାହାଯ୍ୟ କରିବ, ଯୁବକମାନଙ୍କୁ ସାହାଯ୍ୟ କରିବ, ଶ୍ରମିକମାନଙ୍କୁ ଏବଂ କ୍ଷୁଦ୍ର ବ୍ୟବସାୟକୁ ସାହାଯ୍ୟ କରିବ । କିନ୍ତୁ ମୁଁ ଯାହା ଦେଖୁଛି, ଏହି ବଜେଟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏକଚାଟିଆ ବ୍ୟବସାୟ ଢାଞ୍ଚାକୁ ଦୃଢ କରିବା । ଏଥିସହ ସେ କହିଥିଲେ, ବିଜେପିରେ କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖିବାକୁ ଅନୁମତି ଦିଆଯାଇଛି । ଯଦି ପ୍ରତିରକ୍ଷା ମନ୍ତ୍ରୀ ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା କରିବେ, ତେବେ ବଡ଼ ସମସ୍ୟା ହୋଇଯିବ । ଏଥିପାଇଁ ସେ ମଧ୍ୟ ଭୟରେ ଅଛନ୍ତି । ଏହି ଭୟ ସାରା ଦେଶରେ ବ୍ୟାପିଛି ବୋଲି ରାହୁଲ ଗାନ୍ଧି କହିଛନ୍ତି । ଏହାପରେ ବିଜେପି ଆକ୍ରାମକ ହୋଇ ଯାଇଥିବା ବେଳେ ପ୍ରତିଶୋଧ ନେବାକୁ ତାଙ୍କୁ ଇଡି ଜାଲରେ ପକାଇ ହଇରାଣ କରିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ରାହୁଲ ଗାନ୍ଧି ।

# ଦିଲ୍ଲୀ କୋଚିଂ ସେଣ୍ଟର ମୃତ୍ୟୁ ମାମଲାର ତଦନ୍ତ କରିବ ସିବିଆଇ




**ନୂଆଦିଲ୍ଲୀ,୨।୮(ମହାଭାରତ):** ପୁରୁଣା ରାଜେନ୍ଦ୍ର ନଗର ଦୁର୍ଘଟଣା ମାମଲାର ଶୁଣାଣି ଶୁକ୍ରବାର ଦିଲ୍ଲୀ ହାଇକୋର୍ଟରେ ହୋଇଛି । ଦିଲ୍ଲୀ ଏମସିଡି କମିଶନର ଏବଂ ଡିସିପି ଦିଲ୍ଲୀ ଶୁକ୍ରବାର ହାଇକୋର୍ଟରେ ହାଜର ହୋଇଥିଲେ । ଏମସିଡି କହିଛି ଯେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଆମେ ଡ୍ରେନ୍ ମଧ୍ୟ ସଫା କରିଛୁ । ଏହା ଉପରେ ହାଇକୋର୍ଟ ପଚାରିଥିଲେ, ଆପଣ ଜମି ଯାଞ୍ଚ କରିଛନ୍ତି କି? ସମସ୍ତ ଯୁକ୍ତି ଶୁଣିବା ପରେ ଦିଲ୍ଲୀ ହାଇକୋର୍ଟ ରାଜେନ୍ଦ୍ର ଦୁର୍ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ସିଭିସିର ଜଣେ ବରିଷ୍ଠ ଅଧିକାରୀ ତଦନ୍ତ ଉପରେ ନଜର ରଖିବେ । ଶୁଣାଣି ସମୟରେ ହାଇକୋର୍ଟ ଦିଲ୍ଲୀ ଏମସିଡିକୁ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି । ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ଏମସିଡିରେ ସମସ୍ୟା ହେଉଛି ଯେ ସମୟ ସମୟରେ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେହି ଆଦେଶ କାର୍ଯ୍ୟକାରୀ ହେଉନାହିଁ । ଅଧିକାରୀମାନେ ଆଇନର ଅଧିକାର ବାହାରକୁ ଯାଇପାରିବେ ନାହିଁ । କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି । ଏହି କ୍ଷେତ୍ରକୁ ଦେଖିବା ତାଙ୍କର ଦାୟିତ୍ୱ ଥିଲା । ମୌସୁମୀର ମୁକାବିଲା କିପରି କରାଯିବ ସେନେଇ କୌଣସି ପ୍ରସ୍ତୁତି ହୋଇନଥିଲା । ଏଭଳି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଯଦି ପୁସା ରୋଡରେ ଚାରିଆଡୁ ପାଣି ଆସୁଛି, ତେବେ ପାଣି କମାଇବା ପାଇଁ କିମ୍ବା ପାଣି ଆସିବାକୁ ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ।

# ଇଲେକ୍ଟୋରାଲ ବଣ୍ଡ ମାମଲାରେ ହେବନି ଏସଆଇଟି ଯାଞ୍ଚ



**ନୂଆଦିଲ୍ଲୀ,୨।୮(ମହାଭାରତ):** ଇଲେକ୍ଟୋରାଲ ବଣ୍ଡ ମାମଲାରେ ସୁପ୍ରିମକୋର୍ଟ ଏସଆଇଟି ଯାଞ୍ଚ ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ମାମଲାରେ ଏସଆଇଟି ଯାଞ୍ଚ ହେବନି ବୋଲି କୋର୍ଟ କହିଛନ୍ତି । କୋର୍ଟଙ୍କ କହିଛନ୍ତି ଯେ, ନିୟମ ମୁତାବକ ଏହି ଆବେଦନକୁ ଗ୍ରହଣ କରିବା ଉଚିତ୍ ନୁହେଁ । ଆବେଦନକାରୀ ଏହା ବିରୋଧରେ ହାଇକୋର୍ଟ ଯାଇପାରିବେ ବୋଲି କୋର୍ଟ କହିଛନ୍ତି । ଶୁଣାଣି ସମୟରେ ଆବେଦନକରାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ, ଏହି ମାମଲା ହବାଲା କାଣ୍ଡ, କୋଇଲା ଘୋଟାଲା ଭଳି ଅଟେ । ଏଡି ମାମଲାରେ ନା କେବଳ ରାଜନୈତିକ ଦଳ ବରଂ ପ୍ରମୁଖ ଯାଞ୍ଚ ଏଜେନ୍ସି ମଧ୍ୟ ସାମିଲ ଅଛନ୍ତି । ଏହା ଦେଶର ସବୁଠୁ ଖରାପ ବିତ୍ତୀୟ ଘୋଟାଲା ବୋଲି ସେ କହିଥିଲେ । ତେବେ ଏହାର ଜବାବରେ ମୁଖ୍ୟ ବିଚାରପତି କହିଥିଲେ ଯେ, ଆମେ ଏହାର ଖୁଲାସା କରିବାକୁ ଆଦେଶ ଦେଇଛୁ । ଏହାକୁ ରଦ୍ଦ ମଧ୍ୟ କରିଦେଇଛୁ । ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ ସହ ଜଡିତ ଆବେଦନର ଶୁଣାଣି କରି ନିର୍ବାଚନ ଆୟୋଗଙ୍କ ପାଖରେ ଏନେଇ ପ୍ରଶ୍ନ କରିଥିଲେ । ଏହାପରେ ନିର୍ବାଚନ ଆୟୋଗ ଏନେଇ ତାଙ୍କ ପାଖରେ କୌଣସି ତଥ୍ୟ ନଥିବା ସୂଚନା ଦେଇନଥିଲେ । ତେବେ ପରେ ପରେ ମାର୍ଚ୍ଚ ୧୪ ତାରିଖରେ ନିର୍ବାଚନ ଆୟୋଗ ଇଲେକ୍ଟୋରାଲ ବଣ୍ଡକୁ ସାର୍ବଜନୀନ କରିଥିଲେ ।

# ମଝି ଆକାଶରେ ଅଚେତ ହେଲେ କୋ-ପାଇଲଟ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** ଲଣ୍ଡନରୁ ପର୍ତ୍ତୁଗାଲ ରାଜଧାନୀ ଲିସବନ ଅଭିମୁଖେ ଯାଉଥିବା ଏକ ଇଜିଜେଟ ବିମାନରେ ଯାତ୍ରା କରୁଥିବା ସହପାଇଲଟ ମଝି ଆକାଶରେ ହଠାତ ଅଚେତ ହୋଇପଡ଼ିଥିଲେ । ଏହି ଘଟଣାପରେ ପାଇଲଟଙ୍କ ସମେତ ବିମାନର କ୍ରୁ ସଦସ୍ୟ ଓ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ । ସୂଚନାଯୋଗ୍ୟ, ଜୁଲାଇ ୨୭ରେ ଇଜିଜେଟ ବିମାନ ଇଜେଡଓ୍ୱାଇ୨୪୫୯ ଲଣ୍ଡନର ଲ୍ୟୁଟନ ବିମାନବନ୍ଦରରୁ ଲିସବନ୍ ଅଭିମୁଖେ ଯାତ୍ରା କଲାବେଳେ ଏହି ଘଟଣା ଘଟିଥିଲା । ଏହି ସମୟ ମଧ୍ୟରେ ସହ-ପାଇଲଟ୍ କକପିଟରେ ଚେତାଶୂନ୍ୟ ହୋଇଯାଇଥିଲେ । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଏକ ରେଡ୍ ଆଲର୍ଟ ଜାରି କରାଯାଇଥିଲା । ବିମାନକୁ ଜରୁରୀକାଳିନ ପରିସ୍ଥିତିରେ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା ।

# ଇସମାଇଲ ହାନିଆ ରହୁଥିବା ହୋଟେଲରେ ଦୁଇ ମାସ ପୂର୍ବରୁ ହିଁ ବୋମା ରଖାଯାଇଥିଲା

**ନ୍ୟୁୟର୍କ,୨।୮(ମହାଭାରତ): ,୨।୮(ଏଜେନ୍ସି):** ହମାସର ରାଜନୈତିକ ମୁଖ୍ୟ ଇସମାଇଲ ହାନିଆଙ୍କ ମୃତ୍ୟୁକୁ ନେଇ ଏକ ନୂଆ ଦାବି ସାମ୍ନାକୁ ଆସିଛି, ଯେଉଁଥିରେ ହନିଆଙ୍କୁ କିପରି ହତ୍ୟା କରାଯାଇଥିଲା ସେ ବିଷୟରେ ବିବରଣୀ ଦିଆଯାଇଛି । ଇରାନର ନୂତନ ରାଷ୍ଟ୍ରପତି ମସୁଦ ପେଜେଶକିଆନଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବା ପାଇଁ ହାନିଆ ଇରାନର ରାଜଧାନୀ ତେହେରାନ ଗସ୍ତ କରିଥିଲେ । ଇରାନୀ ସେନା ଆଇଆରଜିସିର ଗେଷ୍ଟ ହାଉସରେ ହାନିଆ ନିହତ ହୋଇଥିଲେ । ଏବେ ନୂଆ ଖବର ହେଉଛି, ଯେଉଁ ବୋମାରେ ହନିଆଙ୍କୁ ହତ୍ୟା କରାଯାଇଥିଲା ତାହା ଦୁଇ ମାସ ତଳେ ତେହେରାନକୁ ଚୋରା ଚାଲାଣ ହୋଇଥିଲା । ହନିଆ ତେହରାସ୍ଥିତ ଆଇଆରଜିସି କମ୍ପାଉଣ୍ଡରେ ରହୁଥିଲେ । ଏହି କମ୍ପାଉଣ୍ଡକୁ ଗୁପ୍ତ ବୈଠକ ଏବଂ ହାଇପ୍ରୋଫାଇଲ ଅତିଥିଙ୍କ ପାଇଁ ବ୍ୟବହାର କରାଯାଉଥିଲା । ଏପରି ଅତି ସୁରକ୍ଷିତ ସ୍ଥାନରେ କିପରି ମୋସାଦ ବୋମା ଖଞ୍ଜିଲା ତାହା ଆଶ୍ଚର୍ଯ୍ୟ କରିଛି । ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଇସ୍ମାଇଲ ହାନିଆଙ୍କୁ ହତ୍ୟା କରିବା ପାଇଁ ରିମୋଟ୍ କଣ୍ଟ୍ରୋଲ ବୋମା ବ୍ୟବହାର କରାଯାଇଥିଲା । ଦୁଇ ମାସ ତଳେ ଏହି ବୋମା କୁ ଚୋରା ଚାଲାଣ କରାଯାଇଥିଲା ଏବଂ ତେହେରାନର ସେହି ଗେଷ୍ଟ ହାଉସରେ ରଖାଯାଇଥିଲା ଯେଉଁଠାରେ ହାନିଆ ରହୁଥିଲେ । ନ୍ୟୁୟର୍କ ଟାଇମ୍ସ ରିପୋର୍ଟରେ ଇରାନର ସାମରିକ ଆଇଆରଜିସି ଏବଂ ଅନେକ ଅଧିକାରୀଙ୍କ ବୟାନ ଦେଇ ଏହି ସୂଚନା ଦିଆଯାଇଛି । କ୍ଷେପଣାସ୍ତ୍ର ଆକ୍ରମଣରେ ଇସ୍ମାଇଲ ହାନିଆ ନିହତ ହୋଇଥିବା ପ୍ରାରମ୍ଭିକ ଦାବିଠାରୁ ଏହି ନୂଆ ଖୁଲାସା ସମ୍ପୂର୍ଣ୍ଣ ଭିନ୍ନ । ଏହି ରିପୋର୍ଟରୁ ପୁଣି ଇସ୍ରାଏଲ ଗୁଇନ୍ଦା ସଂସ୍ଥା ମୋସାଦର ଆଶ୍ଚର୍ଯ୍ୟଜନକ ଦକ୍ଷତା ପ୍ରମାଣିତ ହୋଇଛି ।

# ରାହୁଲ ଗାନ୍ଧୀଙ୍କ ଉପରେ ହୋଇପାରେ ଆକ୍ରମଣ: ସଞ୍ଜୟ ରାଉତ



**ମୁମ୍ବାଇ,୨।୮(ମହାଭାରତ):** ଶିବସେନା ସାଂସଦ ସଞ୍ଜୟ ରାଉତ ଶୁକ୍ରବାର ଦିନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ଏକ ବଡ଼ କଥା କହିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ସାଂସଦ ତଥା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ କରାଯାଇପାରେ । ରାଉତ କହିଛନ୍ତି ଯେ ରାହୁଲ ଗାନ୍ଧୀ ଏବଂ ଇଣ୍ଡିଆ ମେଣ୍ଟର ସଦସ୍ୟଙ୍କ ବିରୋଧରେ ଷଡଯନ୍ତ୍ର ରଚିଛି । ସଞ୍ଜୟ ରାଉତ କହିଛନ୍ତି ଯେ ରାହୁଲ ଗାନ୍ଧୀ ଲୋକସଭାରେ ଗଣତନ୍ତ୍ରର ସ୍ୱର ଉତ୍ତୋଳନ କରୁଛନ୍ତି । ରାହୁଲ ଗାନ୍ଧୀ ସରକାରଙ୍କୁ ଦର୍ପଣ ଦେଖାଇବା କାମ କରିଛନ୍ତି । ତେଣୁ ତାଙ୍କୁ ପୁନର୍ବାର କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡିପାରେ, ଏଥିପାଇଁ ଆମେ ପ୍ରସ୍ତୁତ ଯଦିଓ ବିଜେପି ସଂଖ୍ୟାଗରିଷ୍ଠତା ହରାଇଛି, କିନ୍ତୁ ଅସାମ୍ବିଧାନିକ କାର୍ଯ୍ୟ କରିବାର ନିଶା ବିଜେପିର ଛାଡ଼ିନାହିଁ ବୋଲି ମନେ ହେଉଛି । ରାହୁଲ ଗାନ୍ଧୀ ଏବଂ ଆମ ସମସ୍ତଙ୍କ ବିରୋଧରେ ଏକ ଷଡଯନ୍ତ୍ର ରଚାଯାଇଛି । ଏହି ଷଡଯନ୍ତ୍ର ଏଠାରେ କରାଯାଉନାହିଁ ବରଂ ବିଦେଶରେ ହେଉଛି । ସଞ୍ଜୟ ରାଉତ ଏତିକିରେ ଅଟକି ନାହାଁନ୍ତି । ଆଗାମୀ ଦିନରେ କିଛି ହୋଇପାରେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣ କରାଯାଇପାରେ, ଏହା ପରେ ଆମକୁ ଆକ୍ରମଣ କରାଯାଇପାରେ । ମୋଦୀ ଏବଂ ଅମିତ ଶାହାଙ୍କୁ ରାହୁଲ ଗାନ୍ଧୀ ଏବଂ ଇଣ୍ଡିଆ ମେଣ୍ଟ ପଛରେ ପକାଇଦେଇଛନ୍ତି । ରାହୁଲ ଗାନ୍ଧୀ ଏହି ସରକାରଙ୍କ ନିଦ ହଜାଇଦେଇଛନ୍ତି କିନ୍ତୁ ଗ୍ୟାଙ୍ଗଷ୍ଟରଙ୍କ ସାହାଯ୍ୟରେ ଆମକୁ ଆକ୍ରମଣ କରାଯାଇପାରେ ।

# କୋଚିଂ ସେଣ୍ଟରରେ ମୃତ୍ୟୁବରଣ କରିଥିବା ୪ ଛାତ୍ରଙ୍କ ପରିବାରକୁ ଦେଲେ ୧୦ ଲକ୍ଷ ଲେଖାଏଁ ସହାୟତା ଦେଲେ ବିକାଶ ଦିବ୍ୟକିର୍ତ୍ତୀ

**ନୂଆଦିଲ୍ଲୀ,୨।୮(ମହାଭାରତ):** ଦୃଷ୍ଟି କୋଚିଂ ସେଣ୍ଟରର ସଂସ୍ଥାପକ ବିକାଶ ଦିବ୍ୟର୍କିର୍ତ୍ତୀ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୪ ଛାତ୍ରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି । ମୃତ ଛାତ୍ରଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ଦିଲ୍ଲୀ ରାଜେନ୍ଦ୍ର ନଗରରେ ଥିବା ରାଓ କୋଚିଂ ସେଣ୍ଟରେ ପାଣି ପଶିଯିବା ଯୋଗୁଁ ହୋଇଥିଲା । ଅନ୍ୟ ଜଣେ ଛାତ୍ରଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା । ସହାୟତା ରାଶି ଘୋଷଣା କରି ବିକାଶ ଦିବ୍ୟର୍କିର୍ତ୍ତୀ କହିଛନ୍ତି କି, ମୃତ ୪ ଛାତ୍ରଙ୍କ ପରିବାର ଏବେ କଠିନ ସମୟ ଦେଇ ଗତି କରୁଛନ୍ତି । ଏଭଳି ଦୁଃଖଦ ସମୟରେ ମୁଁ ସେମାନଙ୍କ ସହ ଛିଡା ହୋଇଛି ।ୟ ଏହାସହ ସେ କହିଛନ୍ତି କି,



ଯେତେ ଟଙ୍କା ଦେଲେ ବି ସେହି ପରିବାର ଦୁଖକୁ ଲିଭାଇ ଦିଆଯାଇପାରିବ ନାହିଁ । ବିକାଶ ଦିବ୍ୟର୍କିତ୍ତି କହିଛନ୍ତି ଯେ, ରାଓ ଆଇଏଏସରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସହାୟତା କରିବାକୁ ସେ ପ୍ରସ୍ତୁତ ଅଛନ୍ତି । ସେମାନଙ୍କ ପାଇଁ ଷ୍ଟଡି ମେଟେରିଆଲ, ନିଶୁଳ୍କ କୋଚିଂ ଓ ଘର ଯୋଗାଇ ଦେବାକୁ ସେ ପ୍ରସ୍ତୁତ ଅଛନ୍ତି । ଏଥିପାଇଁ ସେ ସୋମବାର ଦିନ କରୋଲ ବାଗରେ ଥିବା ତାଙ୍କ କାର୍ଯ୍ୟାଳୟ ସହ ସଂପର୍କ କରିବାକୁ ରାଓ କୋଚିଂ ସେଣ୍ଟରର ଛାତ୍ରଛାତ୍ରୀମାନଙ୍କୁ କହିଛନ୍ତି ।

# ଟ୍ରମ୍ପଙ୍କ ପ୍ରଶ୍ନର ଜବାବ ଦେଲେ ହାରିସ

**ନୂଆଦିଲ୍ଲୀ,୨।୮(ମହାଭାରତ):** ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଭୟ ଡେମୋକ୍ରାଟିକ ଓ ରିପବ୍ଲିକାନ ପାର୍ଟି ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଗଲାଣି । କମଳା ହାରିସ କଳା ନା ଭାରତୀୟ ବୋଲି ରିପବ୍ଲିକାନ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ପ୍ରଶ୍ନ କରିଥିବା ବେଳେ ରୋଚକ ଢଙ୍ଗରେ ଏହାର ଜବାବ ରଖିଛନ୍ତି ଖୋଦ୍ ହାରିସ୍ । ହାରିସ୍ କହିଛନ୍ତି, ମୁଁ ଟ୍ରମ୍ପଙ୍କ ଟାଇପ୍ ଜାଣିଛି । କାରଣ ମୁଁ ମୋ ଜୀବନକାଳ ମଧ୍ୟରେ ଭିନ୍ନ ଭିନ୍ନ ପଦବୀରେ କାମ କରିଥିବା ବେଳେ ଭିନ୍ନ ଭିନ୍ନ ଦାୟିତ୍ୱ ତୁଲାଇଛି । ମୁଁ ତାଙ୍କ ପରି ଲୋକଙ୍କ ସହ ଡିଲ୍ କରି ସାରିଛି । ତେଣୁ ତାଙ୍କ ଟାଇପ୍ କ'ଣ ତାହା ମୋତେ ଭଲ ଭାବେ ଜଣା । ଏଥିସହ ସେ କହିଛନ୍ତି, ଆପଣମାନେ ସମସ୍ତେ ଜାଣିଛନ୍ତି ଉପରାଷ୍ଟ୍ରପତି ହେବା ପୂର୍ବରୁ ମୁଁ ସିନେଟର ଥିଲି । ତା' ପୂର୍ବରୁ ଆଟର୍ଣ୍ଣି ଜେନେରାଲ ଓ ତା' ପୂର୍ବରୁ ଡିଷ୍ଟ୍ରିକ୍ଟ ଆଟର୍ଣ୍ଣି ରହିଥିଲି । ତାହା ପୂର୍ବରୁ ମୁଁ କୋର୍ଟ ରୁମ୍ ପ୍ରସିକ୍ୟୁଟର ଭାବେ ମଧ୍ୟ କାମ କରି ସାରିଛି । ତେଣୁ ଏତେ ସବୁ ଦାୟିତ୍ୱ ତୁଲାଇବା ଭିତରେ ମୁଁ ବହୁ ପ୍ରକାର ଅପରାଧିଙ୍କ ସାମନା କରିଛି । ସେଥି ମଧ୍ୟରେ ଏପରି ଅପରାଧି ବି ଅଛନ୍ତି, ଯେଉଁମାନେ ମହିଳାଙ୍କ ଶୋଷଣ କରିଛନ୍ତି, ଲୋକଙ୍କୁ ଠକିଛନ୍ତି । ଏପରି ବହୁ ଲୋକ ଅଛନ୍ତି ଯେଉଁମାନେ ନିଜ ସୁବିଧା ପାଇଁ ନିୟମକୁ ଭାଙ୍ଗିବାକୁ ପଛାଉ ନାହାନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୋରଦାର ପ୍ରତିଯୋଗିତା ଚାଲିଥିବା ବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି । ଟ୍ରମ୍ପ କହିଥିଲେ କହିଛନ୍ତି, କମଳା ହାରିସ ପୂର୍ବରୁ ସଂପୂର୍ଣ୍ଣ ଭାରତୀୟ ଥିଲେ । କାରଣ ସର୍ବଦା ସେ ଭାରତୀୟ ଐତିହ୍ୟକୁ ପ୍ରୋତ୍ସାହିତ କରୁଥିଲେ । ବର୍ତ୍ତମାନ କିନ୍ତୁ ସେ କଳା ବୋଲି ପରିଚିତ ହେବାକୁ ଚାହୁଁଛନ୍ତି । ତେଣୁ ମୁଁ ଜାଣେ ନାହିଁ ସେ ଭାରତୀୟ ନା କଳା ? କାରଣ ସେ ସଂପୂର୍ଣ୍ଣ ଭାରତୀୟ ଥିଲେ ଏବଂ ହଠାତ୍ ସେ ଏକ ମୋଡ଼ରେ କଳା ହୋଇଗଲେ । ତେବେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଅପମାନଜନକ ବୋଲି କହିଛି ହ୍ୱାଇଟ୍ ହାଉସ । ଆସନ୍ତା ନଭେମ୍ବରରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି ଭାରତୀୟ ବଂଶଉଦ୍ଭବ କମଳା ହାରିସ । ରାଷ୍ଟ୍ରପତି ଜୋ ବାଇଡେନ୍ ରାଷ୍ଟ୍ରପତି ରେସରୁ ଓହରିଯିବା ପରେ କମଳା ହାରିସଙ୍କୁ ସେ ନିଜ ସମର୍ଥନ ଜଣାଇଥିଲେ ।

# ବିରୋଧୀଙ୍କୁ ଯୋଗୀଙ୍କ କଟାକ୍ଷ କରିଛନ୍ତି



**ଲକ୍ଷ୍ନୌ,୨।୮(ମହାଭାରତ):** ୨୦୨୭ ଉତ୍ତର ପ୍ରଦେଶ ନିର୍ବାଚନରେ ଖଟାଖଟ ନୁହେଁ, ବରଂ ସଫାଚଟ(ସମାଜବାଦୀ ପାର୍ଟିର ମୂଳପୋଛ) ହେବ । ଏଥିପାଇଁ ବିରୋଧୀ ପ୍ରସ୍ତୁତ ରହିଥାଆନ୍ତୁ ବୋଲି ଯୋଗୀ କହିଛନ୍ତି । ଉତ୍ତର ପ୍ରଦେଶ ବିଧାନସଭାକୁ ସମ୍ବୋଧନ କରି ଯୋଗୀ କହିଛନ୍ତି, ଲୋକସଭା ନିର୍ବାଚନରେ ବିରୋଧୀ ଦେଇଥିବା ମିଛ ସ୍ଲୋଗ ଶୁଣି ପଞ୍ଚତନ୍ତ୍ରର ଗୋଟିଏ ଗପ ମନେ ପଡ଼ି ଯାଉଛି । ଯେଉଁଥିରେ ୪ ଜଣ ଠକ ଜଣେ ନୀରିହ ଋଷୀଙ୍କୁ ବୋକା ବନାଇଥିଲେ ଓ ତାଙ୍କ ଠାରୁ ଗୋଟିଏ ଛେଳି ଚୋରି କରି ନେଇଯାଇଥିଲେ । ଆପଣମାନେ ଲୋକଙ୍କ ସହ ସେମିତି କରିଛନ୍ତି । ଲୋକସଭା ନିର୍ବାଚନ ବେଳେ ବିରୋଧୀ ଲୋକଙ୍କୁ ଦେଇଥିବା ଟଙ୍କା ପ୍ରତିଶ୍ରୁତିର ହିସାବ ବିଜେପି ମାଗିବ । ସମ୍ବିଧାନ ବିପଦରେ ଥିବା ନାରା ଦେଇ ଲୋକଙ୍କ ମନରେ ବିରୋଧୀ ସନ୍ଦେହ ସୃଷ୍ଟି କରିଥିବା ମଧ୍ୟ ଯୋଗୀ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସମ୍ବିଧାନ ଓ ଏହାର ପ୍ରତିଷ୍ଠାତା ବିଆର ଆମ୍ବେଦକରଙ୍କୁ ଦେଇଥିବା ସମ୍ମାନ ଅତୁଳନୀୟ ବୋଲି ଯୋଗୀ କହିଛନ୍ତି । ଏଥିସହ ଆମ୍ବେଦକରଙ୍କ ସହ ଜଡ଼ିତ ସ୍ଥାନଗୁଡ଼ିକ ବିକାଶ କେମିତି ବିଜେପି ଶାସନ ସମୟରେ ହୋଇଛି ସେକଥା ମଧ୍ୟ ଯୋଗୀ ବିଧାନସଭାରେ ସୂଚନା ଦେଇଛନ୍ତିୟ । ସେ କହିଛନ୍ତି, ସରକାରୀ କ୍ଷେତ୍ରରେ ଓବିସି, ଏସ୍ସି ଓ ଏସ୍ଟିଙ୍କ ପ୍ରତିନିଧିତ୍ୱ ସରକାର ବୃଦ୍ଧି କରିଛନ୍ତି । ସମାଜିକ କଲ୍ୟାଣ ଯୋଜନାରେ କାହା ସହ ପାତରଅନ୍ତର କରାଯାଇ ନାହିଁ । ମୋତେ ପ୍ରତିଷ୍ଠା ଓ ସମ୍ମାନର ଆବଶ୍ୟକ ନାହିଁ । କାରଣ ମଠରେ ଅଧିକ ପ୍ରତିଷ୍ଠା ଓ ସମ୍ମାନ ମିଳି ଯାଉଛି । ତଥାପି ଆପଣମାନେ ଲୋକଙ୍କୁ ମିଛର ପ୍ରଚାର କରି ବିଭ୍ରାନ୍ତ କରିଛନ୍ତି । ହେଲେ ଆଗକୁ ବିରୋଧୀଙ୍କର ଆଉ କୌଣସି ଅପପ୍ରଚାର ଚାଲି ପାରିବ ନାହିଁ ବୋଲି ସେ କହିଛନ୍ତି ।

# ୩୮ ସାମଗ୍ରୀ ଦର ଉପରେ ରହିବ କେନ୍ଦ୍ରର ନଜର

**ନୂଆଦିଲ୍ଲୀ,୨।୮(ମହାଭାରତ):** ଦେଶରେ ଖାଦ୍ୟସାମଗ୍ରୀର ଦରଦାମ ଅନେକ ସମୟରେ ଲୋକଙ୍କ ମୁଣ୍ଡବିନ୍ଧାର କାରଣ ପାଲଟୁଛି । ସରକାର ପୂର୍ବରୁ ୨୨ଟି ସାମଗ୍ରୀର ଦର ଉପରେ ନଜର ରଖୁଥିଲେ । ବର୍ତ୍ତମାନ ଆଉ ୧୬ଟି ସାମଗ୍ରୀ ଅର୍ଥାତ୍ ମୋଟ ୩୮ଟି ସାମଗ୍ରୀ ଉପରେ ନଜର ରଖିବେ । କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ନୂଆ ଓ ଅକ୍ଷୟ ଶକ୍ତି ବିଭାଗ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି । ନୂଆ ସାମଗ୍ରୀ ଗୁଡ଼ିକ ମଧ୍ୟରେ ରହିଛି ବାଜରା, ମାଣ୍ଡିଆ, ସୁଜି, ମଇଦା, ବେସନ, ଘିଅ, ଲହୁଣି, ବାଇଗଣ, ଅଣ୍ଡା, ଗୋଲ ମରିଚ, ଧନିଆ, ଜିରା, ଶୁଖିଲା ଲଙ୍କା, ହଳଦୀ ଗୁଣ୍ଡ, କଦଳୀ ଆଦି । ଖୁଚୁରା ମୁଦ୍ରାସ୍ଫୀତିରେ ଏହି ୩୮ଟି ସାମଗ୍ରୀର ଅଂଶ ପ୍ରାୟ ୩୧ ପ୍ରତିଶତ । ପୂର୍ବରୁ ଖୁଚୁରା ମୁଦ୍ରାସ୍ଫୀତିରେ ୨୨ଟି ସାମଗ୍ରୀର ଅଂଶ ୨୬.୫ ପ୍ରତିଶତ ରହିଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସଂକ୍ରାନ୍ତ ନୀତି କ'ଣ ରହିବ ସେ ସଂପର୍କରେ ବିଭାଗ ପକ୍ଷରୁ ଦେଶର ୫୫୦ଟି କେନ୍ଦ୍ରରୁ ଦୈନିକ ଏସବୁ ସାମଗ୍ରୀର ଦର ଅନୁଧ୍ୟାନ କରାଯାଇ ସରକାର, ରିଜର୍ଭ ବ୍ୟାଙ୍କ ଏବଂ ବିଶ୍ଳେଷକମାନଙ୍କୁ ପ୍ରଦାନ କରାଯାଇଥାଏ । ଗତ କିଛି ମାସ ହେଲା ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ସରକାରଙ୍କ ପାଇଁ ଅପ୍ରୀତିକର ପରସ୍ଥିତି ସୃଷ୍ଟି କରିଛି । ବିରୋଧୀ ଦଳଗୁଡ଼ିକ ଏଥିପାଇଁ ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି । ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁଧ ହାର ଉଚ୍ଚସ୍ତରରେ ରଖିଛି । ଖାଦ୍ୟସାମଗ୍ରୀ ଦର ସବୁଠୁ ଅଧିକ ଚିନ୍ତାର କାରଣ ବୋଲି ରିଜର୍ଭ ବ୍ୟାଙ୍କ ମତ ଦେଇ ଆସୁଛି । ସେଥିପାଇଁ ସରକାର କିଛି ସାମଗ୍ରୀ ଉପରେ ଏଭଳି ପଦକ୍ଷେପ ନେଇଛନ୍ତି ।

# ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତୀୟ ହକି ଟିମ୍



ନୂଆଦିଲ୍ଲୀ, ୨।୮ : ଅଲିମ୍ପିକ୍ସରେ ଇତିହାସ ରଚିଛି ଭାରତୀୟ ପୁରୁଷ ହକି ଟିମ ଦଳ ଆଜି ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ହରାଇ ଦେଇଛି ଏଥିସହ ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ ଅଷ୍ଟ୍ରେଲିଆକୁ ହରାଇବାର ସଫଳତା ପାଇଛି ।

ଶେଷ ଥର ପାଇଁ ଭାରତ ୧୯୭୨ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇଥିଲା । ଏହାପରେ ଭାରତ ଯେତେଥର ବି ଅଷ୍ଟ୍ରେଲିଆକୁ ଭେଟିଥିଲା । ସବୁବେଳେ ପରାଜୟର ସ୍ୱାଦ ଚାଖିଥିଲା ।

## ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ୩-୨ ଗୋଲରେ ହରାଇଲା

କିନ୍ତୁ ଆଜି ହରମନପ୍ରୀତ ସିଂହଙ୍କ ଭାରତୀୟ ହକି ଟିମ ନୂଆ । ରେକର୍ଡ କରିଛି ଭାରତ ପକ୍ଷରୁ ଅଭିଷେକ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ବାକି ଦୁଇଟି ଗୋଲ ହରମନପ୍ରୀତଙ୍କ ଷ୍ଟିକରୁ ଆସିଛି । ଏହି ବିଜୟ ସହ ଭାରତ ଗ୍ରୁପ ବିର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ସ୍ଥାନରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ରହିଛି ।

ଗୁରୁବାର ଗ୍ରୁପ ପର୍ଯ୍ୟାୟର ୪ର୍ଥ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ବେଲଜିୟମକୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ୧-୨ ଗୋଲରେ ହାରି ଯାଇଥିଲା । ୨୪ ଘଣ୍ଟା ମଧ୍ୟରେ ପରାଜୟର ନିରାଶାକୁ ଭୁଲି ଭାରତୀୟ ଦଳ ଅଷ୍ଟ୍ରେଲିଅ ବିପକ୍ଷ ମ୍ୟାଚ ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା । ଅଷ୍ଟ୍ରେଲିଆଠାରୁ ଦଳ ୫୨ ବର୍ଷ ହେଲା ଅଲିମ୍ପିକ୍ସରେ ଜିତି ନଥିବାରୁ ଅତିରିକ୍ତ ଚାପରେ ରହିଥିଲା । ହେଲା ଚାପକୁ ମାତ ଦେଇ ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ ଅଷ୍ଟ୍ରେଲିଆ ଉପରେ ଚାପ ପକାଇ ଚାଲିଥିଲା ଦଳ ପକ୍ଷରୁ ୧୨ତମ ମିନିଟରେ ଅଭିଷେକ ପ୍ରଥମ ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲା । ଏହାର ଗୋଟିଏ ମିନିଟ ପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଅଧିନାୟକ ହରମନପ୍ରୀତ ଭାରତକୁ ୨-୦ରେ ଅଗୁଆ କରି ଦେଇଥିଲେ । ଦ୍ୱିତୀୟ କ୍ୱାର୍ଟର ସରିବାକୁ ୫ ମିନିଟ ଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ କ୍ରେଗ ଥୋମାସ ଗୋଲ ଦେଇ ସ୍ଥିତିକୁ ୨-୧ କରି ଦେଇଥିଲେ ହାଫଟାଇମ ପରେ ଭାରତ ରଣନୀତି ବଦଳାଇ ଥିଲା । ଆଟାକିଂ ହକି ଖେଳିବାରୁ ୩୨ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା । ଏହାକୁ ହରମନପ୍ରୀତ ଆଦୌ ହାତ ଛଡ଼ା କରି ନଥିଲେ । ସେ ଗୋଲ ଦେଇ ଭାରତର ସ୍ଥିତିକୁ ୩-୧ କରି ଦେଇଥିଲେ । ତୃତୀୟ କ୍ୱାର୍ଟରରେ ଆଉ ଗୋଲ ସ୍କୋର ଦେଖିବାକୁ ମିଳି ନଥିଲା ।

୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ତାର ଆକ୍ରମଣକୁ ଜୋରଦାର କରିଥିଲା ତଥାପି ଭାରତୀୟ ଡିଫେନ୍ସ ଓ ଗୋଲ କିପର ପିଆର ଶ୍ରୀଜେଶ ଅଷ୍ଟ୍ରେଲିଅରର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ । କିନ୍ତୁ ମ୍ୟାଚ ସରିବାରୁ ୫ ମିନିଟ ଥିବା ବେଳେ ଓଡ଼ିଆ ପୁଅ ଅମିତ ରୋହିଦାସ ଡି ଭିତରେ ତ୍ରୁଟି କରିଥିଲେ ।

ସେ ବଲକୁ ଅଟକାଇବା ବେଳେ ଏହା ତାଙ୍କ ଗୋଡ଼ରେ ମାଡ଼ ହୋଇ ଯାଇଥିଲା । ଫଳରେ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା । ଏହାକୁ ଅଭିଜ୍ଞ ଗ୍ରୋଭର୍ସ ଗୋଲରେ ପରିଣତ କରି ଦେଇଥିଲେ । ଶେଷ ୨ ମିନିଟ ଅଷ୍ଟ୍ରେଲିଆ ତାର ଗୋଲ କିପରଙ୍କୁ ହଟାଇ ଅଲଆଉଟ ଆଟାକ କରିବାକୁ ଯାଇଥିଲା ହେଲେ । ଏହାର ଲାଭ ମିଳି ନଥିଲା ଶେଷରେ ଭାରତ ଅଲିମ୍ପିକ୍ସର ୫୨ ବର୍ଷ ଇତିହାସ ମଧ୍ୟରେ ପ୍ରଥମଥର ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା ।

୧୯୭୨ରେ ଭାରତ ଶେଷ ଥର ପାଇଁ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଥିଲା । ଏହାପରେ ଦଳ ୧୯୭୬ରେ ୧-୬, ୧୯୭୬(ପ୍ଲେଅଫ)ରେ ପୁଣିଥରେ ଶୁଟଆଉଟରେ ୪-୫, ୧୯୮୪ରେ ୨-୪, ୧୯୯୨ରେ ୦-୧, ୨୦୦୦ରେ ୨-୨, ୨୦୦୪ରେ ୩-୪, ୨୦୨୦ରେ ୧-୭ରେ ପରାସ୍ତ ହୋଇଥିଲା ।

## ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୨ ଅଗଷ୍ଟ - ପ୍ୟାରିସ୍ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବା ଭାରତୀୟ ପୁରୁଷ ହକି ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି ।

ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପୁରୁଷ ହକି ପୁଲ୍ ମ୍ୟାଚରେ ପରାସ୍ତ କରି ନୂଆ ଇତିହାସ ସୃଷ୍ଟି କରିଥିବା ଭାରତୀୟ ହକି ଦଳକୁ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁଙ୍କ ଆଶୀର୍ବାଦରେ ବିଜୟ ଯାତ୍ରା ଏହିପରି ଜାରି ରହୁ ଏବଂ ଦେଶ ପାଇଁ ଆହୁରି ସୁନାମ ଆଣନ୍ତୁ ।

## ଇତିହାସ ରଚିଲେ ଲକ୍ଷ୍ୟ ସେନ



ପ୍ୟାରିସ୍, ୨।୮ : ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ନୂଆ । ରେକର୍ଡ କରିଛନ୍ତି ଯୁବ ଶଟଲର ଲକ୍ଷ୍ୟ ସେନ ସେ ପୁରୁଷ ଏକକ ବ୍ୟାଡମିଣ୍ଟନର ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଭାରତର ପ୍ରଥମ ପୁରୁଷ ବ୍ୟାଡମିଣ୍ଟନ ଖେଳାଳି ଭାବେ ସେ ସେମି ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି । ତାଙ୍କ ପୂର୍ବରୁ କେବଳ କଶ୍ୟପ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲ ଯାଏ ଯାଇ ପାରିଥିଲେ । ହେଲେ ଲକ୍ଷ୍ୟ ସେନ କ୍ୱାର୍ଟର ଫାଇନାଲରେ ଚମତ୍କାର ବିଜୟ ହାସଲ କରି ନିଜକୁ ପଦକ ଦୌଡ଼ରେ ସାମିଲ କରିପାରିଛନ୍ତି । ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ଲକ୍ଷ୍ୟ ସେନଙ୍କୁ ଛାଡ଼ି ଦେଲେ ଭାରତର ବାକି ଶଟଲରମାନେ ବିଭିନ୍ନ ବର୍ଗରେ ଭାଗ ନେଇ ପରାସ୍ତ ହୋଇଛନ୍ତି ।ଦୁଇଥର ମେଡାଲ ଜିତିଥିବା ପିଭି ସିନ୍ଧୁ ଗୁରୁବାର କ୍ୱାର୍ଟର ଫାଇନାଲରେ ହାରିଥିଲେ । ସେହିପରି ପୁରୁଷ ଡବଲ୍ସରେ ସାତ୍ତ୍ୱିକ ଓ ଚିରାଗଙ୍କୁ ମଧ୍ୟ କ୍ୱାର୍ଟର ଫାଇନାଲରେ ବିଦାୟ ନେବାକୁ ପଡ଼ିଥିଲା । ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ଏଚଏସ ପ୍ରଣୟଙ୍କୁ ଲକ୍ଷ୍ୟ ସେନ ହିଁ ହରାଇଥିଲା ତେଣୁ ଏବେ ପଦକ ଜିତିବାର ଆଶା କେବଳ ଲକ୍ଷ୍ୟ ସେନଙ୍କ ଉପରେ ରହିଛି ।ସେ ପଦକ ପକ୍କା କରିବା ଠାରୁ ଆଉ ଗୋଟିଏ ବିଜୟ ଦୂରରେ ରହିଛନ୍ତି ।

## ଆର୍ଚ୍ଚେରୀ : ବ୍ରୋଞ୍ଜ ଲଢ଼େଇରେ ହାରିଲେ ଧୀରଜ-ଅଙ୍କିତା



ପ୍ୟାରିସ, ୨।୮: ଇତିହାସ ରଚିବାର ଅତି ନିକଟକୁ ଆସି ଫେଲ ମାରିଛନ୍ତି ଭାରତର ଅଙ୍କିତା ଓ ଧୀରଜ ଯୋଡ଼ି । ପ୍ୟାରିସ ଅଲିମ୍ପିକ୍ସରେ ତୀରନ୍ଦାଜିରୁ ଭାରତକୁ ୩୬ ବର୍ଷ ମଧ୍ୟରେ ପ୍ରଥମ ପଦକ ଭେଟି ଦେବାର ସୁଯୋଗ ଧୀରଜ-ଅଙ୍କିତଙ୍କ ପାଖରେ ଥିଲା । କିନ୍ତୁ ଧୀରଜ ଓ ଅଙ୍କିତା ଯୋଡ଼ି ଖାଲି ହାତରେ ପ୍ୟାରିସ ଅଲିମ୍ପିକ୍ସରୁ ଫେରିଛନ୍ତି ।

ଧୀରଜ ଓ ଅଙ୍କିତା କ୍ୱାର୍ଟର ଫାଇନାଲରେ ଦମଦାର ପ୍ରଦର୍ଶନ କରି ଅଲିମ୍ପିକ୍ସ ଇତିହାସର ପ୍ରଥମ ଭାରତୀୟ ଯୋଡ଼ି ଭାବେ ସେମିରେ ପ୍ରବେଶ କରିଥିଲେ । ହେଲେ ଦଳକୁ ସେମିରେ ବିଶ୍ୱର ୧ ନଂ ମାନ୍ୟତାପ୍ରାପ୍ତ କୋରିଆ ଠାରୁ ୬-୨ରେ ହାରିବାକୁ ପଡ଼ିଥିଲା । ଏହାପରେ ଉଭୟ ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିଥିଲେ ।

ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଧୀରଜ ଓ ଅଙ୍କିତା ଆମେରିକାର ବ୍ରାଡୀ ଇଲିସନ ଓ କାସେୟ କୌଫହୋଲ୍ଟଙ୍କ ସହ ହୋଇଥିଲା । ବ୍ରାଡୀ ହେଉଛନ୍ତି ୩ଥରର ଅଲିମ୍ପିକ୍ସ ପଦକ ବିଜେତା । ସେହିପରିତ ମହିଳା ବ୍ୟକ୍ତିଗତ ତୀରନ୍ଦାଜିର ୧ନଂ ରାଙ୍କର ଖେଳାଳି ହେଲେ କୌଥହୋଲ୍ଟ । ଭାରତ ତୀରନ୍ଦାଜି ରାଙ୍କର ୯ ନମ୍ବରେ ଥିବା ବେଳେ ଆମେରିକାର ରାଙ୍କ ହେଉଛି ୩ ।ଏହାର ପ୍ରଭାବ ମଧ୍ୟ ମ୍ୟାଚ୍ ଉପରେ ପଡ଼ିଥିଲା । ଆମେରିକା ପ୍ରଥମ ସେଟକୁ ୩୮-୩୭ ଓ ଦ୍ୱିତୀୟ ସେଟକୁ ୩୭-୩୫ରେ ଜିତି ନେଇଥିଲା । ତୃତୀୟ ସେଟରେ ଭାରତ କିଛିଟା କମବ୍ୟାକ କରିଥିଲା । ଏହି ସେଟ ଭାରତ ୩୮-୩୪ ଜିତିଥିଲା ।କିନ୍ତୁ ଗୁରୁତ୍ୱପୂର୍ଣ୍ଣ ୪ର୍ଥ ସେଟରେ ଅଙ୍କିତା ଓ ଧୀରଜ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ପ୍ରଥମ ଦୁଇଟି ଶଟ ପରେ ଭାରତ ସ୍କୋର ୧୭ ଥିଲା ଏହାପରେ ଅଙ୍କିତା ପୁଣି ୮ ମାରିଥିଲେ ଧୀରଜ ୧୦ ସ୍କୋର କରିବାରୁ ଭାରତର ପଏଣ୍ଟ ୩୫ରେ ପହଞ୍ଚିଥିଲା । ପୂର୍ବରୁ ୨ଟି ଶଟରେ ୧୯ ପଏଣ୍ଟ ହାସଲ କରି ସାରିଥିବା ଆମେରିକା ପାଇଁ ବ୍ରାଡୀ ଓ କୌଫହୋଲ୍ଟ ୧୮ ପଏଣ୍ଟ ସ୍କୋର କରି ସେଟ ସହ ମ୍ୟାଚ୍‌କୁ କବଜା କରି ନେଇଥିଲେ । ଏଥିସହ ଭାରତର ପଦକ ଜିତିବାର ଆଶାକୁ ମଧ୍ୟ ଭାଙ୍ଗି ଚୁରମାର କରି ଦେଇଥିଲେ ।

ଏହା ପୂର୍ବରୁ ସେହିପରି ଏହି ଯୋଡ଼ିକୁ ବିଶ୍ୱର ୧ନମ୍ବର ମାନ୍ୟତା ପ୍ରାପ୍ତ ଦକ୍ଷିଣ କୋରିଆର ଶିୟେନୋ ଜିନ ଯୋଡ଼ି ହରାଇ ଦେଇଥିଲେ ।

ସେମି ଫାଇନାଲରେ ଭାରତର ଧୀରଜ ଓ ଅଙ୍କିତା ଦମଦାର ଆରମ୍ଭ କରିଥିଲେ । ଏଥିସହ ୩୮-୩୬ରେ ଏହାକୁ ଜିତି ନେଇଥିଲେ ।କିନ୍ତୁ ଦ୍ୱିତୀୟ ସେଟରେ କୋରିଆ । କମବ୍ୟାକ କରିଥିଲା ଦଳ । ଏହି ସେଟକୁ ୩୮-୩୫ରେ କବଜା କରିଥିଲା । ତୃତୀୟ ସେଟରେ ଭାରତ କଡ଼ା ଟକ୍କର ଦେଇଥିଲେ ହେଁ କୋରିଆ । ଏହାକୁ ମଧ୍ୟ ୩୮-୩୭ରେ ଜିତି ନେଇଥିଲା । ୪ର୍ଥ ସେଟରେ କୋରିଆ ୩୯ ଓ ଭାରତ ୩୮ ପଏଣ୍ଟ ହାସଲ କରିବାରୁ ଧୀରଜ ଓ ଅଙ୍କିତାଙ୍କ ଫାଇନାଲ ସ୍ୱପ୍ନ ଅଧା ରହି ଯାଇଥିଲା ।

## ଟାଇ ରହିଲା ପ୍ରଥମ ଦିନିକିଆ




କଲମ୍ବୋ, ୨।୮: କଲମ୍ବୋରେ ଖେଳାଯାଉଥିବା ପ୍ରଥମ ଦିନିକିଅ । ଟାଇ ହୋଇଛି । ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୩୦ ରନ କରିଥିବାବେଳେ ଭାରତ ମଧ୍ୟ ୨୩୦ ରନ କରି ଅଲଆଉଟ୍ ହୋଇଯାଇଛି । ଭାରତ ପକ୍ଷରୁ ରୋହିତ ଶର୍ମା ୫୮ ରନ କରିଥିବାବେଳେ ବିରାଟ କୋହଲି ୨୪ ରନ କରିଥିଲେ ସେହିପରି କେଏଲ ରାହୁଲ ୩୧ ରନ ଓ ଅକ୍ଷର ପଟେଲ ୩୩ ରନ କରିଥିଲେ । ଶିବମ ଦୁବେ ୨୫ ରନ କରିଥିଲେ ।

ଟି-୨୦ ବିଶ୍ୱକପ ଜିତିବା ପରେ ପ୍ରଥମଥର ପାଇଁ ରୋହିତ ଶର୍ମା ଓ ବିରାଟ କୋହଲି ଆଜି ଶ୍ରୀଲଙ୍କା ବିପକ୍ଷରେ ମୈଦାନକୁ ଓହ୍ଲାଇଛନ୍ତି ।ତେବେ ପ୍ରଥମ ଦିନିକିଆରେ ଟସ୍ ଶ୍ରୀଲଙ୍କା ସପକ୍ଷରେ ଯାଇଥିଲା ଟସ୍ ଜିତି ଦଳର ନୂଆ । ଅଧିନାୟକ ଚରିତ ଅସଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ।

କିନ୍ତୁ ଶ୍ରୀଲଙ୍କାକୁ ତୃତୀୟ ଓଭରରେ ଝଟକା ଲାଗିଥିଲା ଅଭିସ୍କା ଫର୍ଣ୍ଣାଣ୍ଡୋ(୧)ଙ୍କୁ ଆଉଟ କରି ମହମ୍ମଦ ସିରାଜ ଭାରତକୁ ପ୍ରଥମ ସଫଳତା ଦେଇଥିଲେ । ଏହାପରେ କୁଶଲ ମେଣ୍ଡିସ ୧୪ ଓ ସଦୀରା ସମରାବିକ୍ରମା ମାତ୍ର ୮ ରନ କରି ପ୍ୟାଭିଲିୟନ ଫେରିଥିଲେ ଅଧିନାୟକ ଅସଲଙ୍କା ମଧ୍ୟ କେବଳ ୧୪ ରନ କରିବାକୁ ସକ୍ଷମ ହୋଇଥିଲେ ।ଏସବୁ ଭିତରେ ନିଶଙ୍କା ନିଜର ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ୧୦୦ ପାର କରାଇଥିଲେ ।

କିନ୍ତୁ ଦଳୀୟ ସ୍କୋର ୧୦୧ ଥିବା ବେଳେ ସେ ବ୍ୟକ୍ତିଗତ ଭାବେ ୫୬ ରନ କରି ୱାଶିଂଟନ ସୁନ୍ଦରଙ୍କ ବଲରେ ଆଉଟ ହୋଇଯାଇଥିଲେ । ଲାଗୁଥିଲା ଶ୍ରୀଲଙ୍କା ୧୫୦ ରନ କରିବାକୁ ମଧ୍ୟ ସକ୍ଷମ ହୋଇପାରିବ ନାହିଁ । କିନ୍ତୁ ଲୋଲାଗେ ସ୍ଥିତି ସମ୍ଭାଳି ଥିଲେ ପ୍ରଥମେ ସେ ଜନିତ ଲିୟାଙ୍ଗେ(୨୦) ଓ ପରେ ୱାନିନ୍ଦୁ ହସରଙ୍ଗା(୨୪)ଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ୧୫୦ ପାର କରାଇଥିଲେ । ଏଥିସହ ସେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ଅର୍ଦ୍ଧଶତକ ହାସଲ କରିବା ପରେ ସେ କିଛି ବଡ଼ ଶଟ ମଧ୍ୟ ଖେଳିଥିଲେ ଶ୍ରୀଲଙ୍କାର ସ୍କୋରକୁ ୨୦୦ ପାର କରାଇ ଶେଷ ଯାଏ ୬୭ ରନ କରି ଅପରାଜିତ ରହିଥିଲେ । ଲୋଲାଗେ ତାଙ୍କ ସହ ଅକିଲା ଧନଞ୍ଜୟ ମଧ୍ୟ ୧୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି । ଭାରତ ପକ୍ଷରୁ ଅର୍ଶଦୀପ ଓ ଅକ୍ଷର ପଟେଲ ୨ଟି ଲେଖାଏ ସଫଳତା ପାଇଥିବା ବେଳେ ସିରାଜ, କୁଲଦୀପ ଯାଦବ, ଶିବମ ଦୁବେ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି ।

## ନିରାଶ କଲେ ସିନ୍ଧୁ

ନଆଦିଲ୍ଲୀ, ୨।୮: ଭାରତର ଷ୍ଟାର ମହିଳା ଶଟଲର ପିଭି ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ହାସଲ ସ୍ୱପ୍ନ ଚୁରମାର ହୋଇଯାଇଛି । ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ହାରି ଯାଇଛନ୍ତି ।ଫଳରେ ଅଲିମ୍ପିକ୍ସରେ ସିନ୍ଧୁଙ୍କ ହ୍ୟାଟ୍ରିକ୍ ପଦକ ସ୍ୱପ୍ନ ଭାଙ୍ଗିଯାଇଛି । ପ୍ୟାରିସ୍ ଅଲମ୍ପିକ୍ସରେ ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ୧୯-୨୧ ଓ ୧୪-୨୧ରେ ମ୍ୟାଚ ହାରି ଯାଇଛନ୍ତି ।



ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଶଟଲର ଭାବେ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ । ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ମାତ୍ର ଏଥର ତାଙ୍କ ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟ ପୂରଣ ହୋଇ ପାରିନାହିଁ । ଏହା ଭାରତୀୟଙ୍କୁ ନିରାଶ କରିଛି ।

ଏନେଇ ୨୯ ବର୍ଷୀୟ ସିନ୍ଧୁ କହିଛନ୍ତି, ମୋର ସାମାନ୍ୟ କିଛି ତ୍ରୁଟି ପାଇଁ ମୋତେ ହାରର ସମ୍ମୁଖୀନ ହେବାକୁ ପଡ଼ିଛି । କିନ୍ତୁ ଏଥିପାଇଁ ମୁଁ ମୋର ସର୍ବୋତ୍ତମ ଦେଇଥିଲି । ଏହାପରେ ବି ଯାହା ହେଲା ତାହା ମୋର ଭାଗ୍ୟ । ଅଲମ୍ପିକ୍‌ରେ ମେଡାଲ ଜିତିବା ଆଶାରେ ପିଭି ସିନ୍ଧୁ ପ୍ରକାଶ ପାଦୁକୋନଙ୍କ ତତ୍ତ୍ୱାବଧାନରେ ଜର୍ମାନୀରେ ଟ୍ରେନିଂ ନେଉଥିଲେ ।

ସମସ୍ତେ ପଦକ ଆଶାରେ କଠିନ ପରିଶ୍ରମ କରିଛନ୍ତି ଆମେ ବି କରିଛୁ ଏଥିପାଇଁ ମୁଁ କୌଣସି ପଶ୍ଚିତାପ କରୁନି ।କାରଣ ମୁଁ ମୋର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି । ଶେଷ ପର୍ଯ୍ୟନ୍ତ ମୁଁ ମୋର ସଂଘର୍ଷ ଜାରି ରଖିଥିଲି । କାରଣ ପ୍ରତି ପଏଣ୍ଟ ପାଇଁ ଆମେ ଦୁହେଁ ପ୍ରବଳ ସଂଘର୍ଷ କରୁଥିଲୁ ।ମାତ୍ର ଶେଷରେ ହି ବିଙ୍ଗ ଜିଆଓ ଖେଳ ପରିବର୍ତ୍ତନ କରି ମେଡାଲ ହାତେଇବାରେ ସକ୍ଷମ ହୋଇଥିଲେ ।

## ମନୁଙ୍କୁ ନେବାକୁ ମନ ବଳାଇଛନ୍ତି ୪୦ରୁ ଅଧିକ କମ୍ପାନୀ

ନୂଆଦିଲ୍ଲୀ, ୨।୮ : ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ବ୍ରୋଞ୍ଜ ପଦକ ଜିତିବା ପରେ ସାରା ଦେଶରେ ଏକ ପରିଚିତ ମୁହଁ ପାଲଟି ଯାଇଛନ୍ତି ଶୁଟର ମନୁ ଭାକର । ତାଙ୍କର ଲୋକପ୍ରିୟତା ବହୁ ଗୁଣିତ ହୋଇଯାଇଛି । ଆଉ ଏହାକୁ ଦେଖି ନିଜ ଜିନିଷର ପ୍ରଚାର ପ୍ରସାର ପାଇଁ ମନୁ ଭାକରଙ୍କୁ ନେବାକୁ ମନ ବଳାଇଛନ୍ତି । ୪୦ରୁ ଅଧିକ ବ୍ରାଣ୍ଡ ମନୁ ମଧ୍ୟ ନିଜର ଫି ବଢ଼ାଇ ଦେଇଛନ୍ତି । ସେ ଏବେ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ୟସ୍ତ ଥିବା ବେଳେ ତାଙ୍କର ଏଣ୍ଡୋର୍ସମେଣ୍ଟ କଥା ବୁଝାବୁଝି କରୁଥିବା ଏଜେନ୍ସି- ଆଇଓଏସ୍ ସ୍ପୋର୍ଟସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ କିଛି ବ୍ରାଣ୍ଡ ସହିତ ଚୁକ୍ତି କରିସାରିଥିବା ଜଣାପଡ଼ିଛି ।

ମନୁ ଭାକର ପୂର୍ବରୁ ଗୋଟିଏ ବ୍ରାଣ୍ଡର ପ୍ରଚାର ପ୍ରସାର ପାଇଁ ୨୦ରୁ ୨୫ ଲକ୍ଷ ଟଙ୍କା ନେଉଥିଲେ । କିନ୍ତୁ ଏବେ ସେ ଏହି ଫିକୁ ୬-୭ ଗୁଣା ବଢ଼ାଇ ଦେଇଛନ୍ତି ସୂଚନା ଅନୁଯାୟୀ, ଯା ଭିତରେ ତାଙ୍କର ଏକ ଡିଲ୍ ଦେଢ଼ କୋଟି ଟଙ୍କାରେ ସ୍ଥିର ହୋଇଛି ।ଆଇଓଏସ୍ ସ୍ପୋର୍ଟସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟର ସିଇଓ ଓ ଏମ୍‌ଡି ନୀରବ ତୋମାର କହିଛନ୍ତି, ଗତ ଦୁଇ ତିନି ଭିତରେ ୪୦ରୁ ଅଧିକ ବ୍ରାଣ୍ଡ ଆମ ସହିତ କଥାବାର୍ତ୍ତା ହେଲେଣି କିଛି ବ୍ରାଣ୍ଡ ସହିତ ଆମର ଚୁକ୍ତି ହେବା ସ୍ଥିର ହୋଇସାରିଛି । ମନୁ ଭାକରଙ୍କ ବ୍ରାଣ୍ଡ ଭାଲ୍ୟୁ ବଢ଼ି ଯାଇଛି । ଏହା ୬ରୁ ୭ ଗୁଣା ବଢ଼ି ଯାଇଛି । ପୂର୍ବରୁ ଆମେ ୨୦-୨୫ ଲକ୍ଷରେ ତାଙ୍କ ପାଇଁ ଚୁକ୍ତି ସ୍ୱାକ୍ଷର କରୁଥିଲୁ କିନ୍ତୁ ଏବେ ଗୋଟିଏ ଗୋଟିଏ ଏଣ୍ଡୋର୍ସମେଣ୍ଟ ପାଇଁ ଦେଢ଼ କୋଟି ଟଙ୍କାର ଡିଲ୍ ହେଉଛି ଏହି ଚୁକ୍ତି ଗୋଟିଏ ବର୍ଷ ପାଇଁ ହେଉଛି ।



ସେ କହିଛନ୍ତି, ତେବେ ଆମେ ଦୀର୍ଘ କାଳୀନ ଚୁକ୍ତି ଉପରେ ଗୁରୁତ୍ୱ ଦେଉଛି କିନ୍ତୁ କିଛି ଶର୍ଟ-ଟର୍ମ ଏଣ୍ଡୋର୍ସମେଣ୍ଟ ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ମନୁ ଭାକର ୧୦ମିଟର ଏୟାର ପିସ୍ତଲ ମହିଳା ଏକକ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛନ୍ତି । ଦୁଇଟି ପଦକ ଜିତି ସେ ଇତିହାସ ରଚିଛନ୍ତି ତାଙ୍କ ନାଁରେ ଯୋଡ଼ି ହୋଇଛି । ଅନେକ ରେକର୍ଡ ସେହିପରି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଇଭେଣ୍ଟରୁ ମଧ୍ୟ ସେ ପଦକ ଜିତିବେ ବୋଲି ଆଶା କରାଯାଉଛି । ଯଦି ଏହି ଇଭେଣ୍ଟରେ ମନୁ ଭାକର ପଦକ ଜିତନ୍ତି, ତାହେଲେ ସେ ଅଲିମ୍ପିକ୍ସର ଯେକୌଣସି ସଂସ୍କରଣରେ ୩ଟି ପଦକ ଜିତିବାରେ ପ୍ରଥମ ଭାରତୀୟ କ୍ରୀଡ଼ାବିତ ହେବେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ